# ବଇଣ୍ଡା ଚନ୍ଦନ ଯାତ୍ରାରେ ୪୦ ହଜାର ଲୋକଙ୍କ ସମାଗମ






**ବଇଣ୍ଡା, ୩୦।୫(ସମିସ)**

ଆଠମଲ୍ଲିକର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ପ୍ରଭୁ ରାଧାକୃଷ୍ଣ ମନ୍ଦିରରେ ପୂଜା କରିବା ପରେ ଏକ ବିମାନରେ ପ୍ରଭୁ ରାଧାକୃଷ୍ଣଙ୍କୁ ବସାଇ ଶୋଭାଯାତ୍ରା ମାଧ୍ୟମରେ ମନ୍ଦିର ନିକଟରୁ ଯାତ୍ରା ପଡିଆକୁ ଅଣାଯାଇଥିଲା। ସେଠାରେ ପୂଜକ ରୀତି ନୀତି ଅନୁସାରେ ପୂଜା କରାଯିବା ପରେ ଚନ୍ଦନ ନଗରକୁ ନିଆଯାଇଥିଲା। ପୁରାତନ ସଂସ୍କୃତି ଅନୁସାରେ ଗ୍ରାମର ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁଙ୍କ ଘରେ ଯଥା ରୀତିରେ ପୂଜା କରାଯିବା ପରେ ଚନ୍ଦନ ନଗର ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବଇଣ୍ଡା ଛକ ପରିକ୍ରମା କରାଯାଇଥିଲା। ପାରମ୍ପରିକ ନୃତ୍ୟରେ ସାରା ବଇଣ୍ଡା କମ୍ପି ଉଠିଥିଲା। ପ୍ରଭୁ ରାଧାକୃଷ୍ଣଙ୍କ ଶୋଭାଯାତ୍ରାରେ ଲଉଡ଼ି ଖେଳ, ଘଣ୍ଟବାଦ୍ୟ, ମହିଳା ସଙ୍କୀର୍ତ୍ତନ, ହାତୀ, ଘୋଡ଼ାନାଚ, ରାଜାରାଣୀ ନାଚ, ଫୁଲ ପନସା, ଦୁଲୁଦୁଲି ବାଦ୍ୟ ସହ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା। ଦୀର୍ଘ ୪ ଘଣ୍ଟା କାଳ ଶୋଭାଯାତ୍ରାରେ ପ୍ରଭୁ ଆସିବା ପରେ ଚନ୍ଦନ

- **ଚନ୍ଦନ ପୋଖରୀରେ ଚାପ ଖେଳିଲେ ପ୍ରଭୁ ରାଧାକୃଷ୍ଣ**
- **ମିନା ବଜାରରେ ଭିଡ଼; ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

ପୋଖରୀରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ନୌକାରେ ପ୍ରଭୁ ରାଧାକୃଷ୍ଣଙ୍କୁ ବସାଇ ଚାପ ଖେଳାଯାଇଥିଲା। ଏହି ଅବସରରେ ପୋଖରୀ ନିକଟରେ ଆତସବାଜି ପ୍ରଦର୍ଶନ କରାଯାଇଥିବା ବେଳେ ଡିଜେ ସାଉଣ୍ଡର ତାଳେ ତାଳେ ଯୁବକମାନେ ନୃତ୍ୟ ପରିବେଷଣ କରିଥିଲେ। ମନୋରଂଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ଯାତ୍ରା ପଡ଼ିଆ ବ୍ୟାପକ ସାଜସଜା କରାଯାଇଥିବା ବେଳେ ଜିନ୍ଦଲ କମ୍ପାନୀ ଓ କିଛି ସାମାଜିକ ସଂଗଠନ ପକ୍ଷରୁ ଲୋକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଯାତ୍ରା ପଡିଆରେ ମିନାବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଦୋଳି ପଡିଥିବା ଯୋଗୁଁ ଆଖପାଖ ଅଞ୍ଚଳରୁ ୪୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ପୂରା ଗାଁକୁ ଚୁମ୍ବକୀୟ ଲାଇଟ ମାଧ୍ୟମରେ ସାଜସଜା କରାଯାଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ପଡିଆକୁ ଆଲୋକିକରଣ କରାଯାଇଥିଲା। ଯାର ପକ୍ଷରୁ ସୂଚନା କେନ୍ଦ୍ର କରାଯାଇଥିବା ବେଳେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଇଣ୍ଡା ଶାଖା ପକ୍ଷରୁ ଲୋକଙ୍କୁ ବିଭିନ୍ନ ଅଧ୍ୟାତ୍ମିକତା ସମ୍ପର୍କରେ ସଚେତନତା କରାଯାଇଥିଲା। ଆଠମଲ୍ଲିକ ଏସଡିପିଓ ବାଳକୃଷ୍ଣ କଅଁରଙ୍କ ନେତୃତ୍ୱରେ ହଣ୍ଡପା ଆଇଆଇସି ନମିତା ନାୟକ, କିଶୋରନଗର ଆଇଆଇସି ବିଭୁତି ପ୍ରଧାନ, ଠାକୁରଗଡ଼ ଆଇଆଇସି ନଟବର ନନ୍ଦଙ୍କ ସମେତ ବ୍ୟାପକ ପୁଲିସ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଏଥିରେ କମିଟିର ଜିତେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଅରବିନ୍ଦ ସାହୁ, ଜମ୍ମେଶ୍ୱର ସାହୁ, ସଞ୍ଜୟ ସାହୁ, ବିନୀତ ସାହା, ଅନିଲ ବେହେରା, ପାପୁନା ମହାପାତ୍ର, ପପୁ ସାହୁ, ବିକ୍ରମ ସାହୁ, ପରୀକ୍ଷିତ ସାହୁଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।

## ଛାତ ପଡୁଥିବା ବେଳେ ବିଦ୍ୟୁତ୍ ଆଘାତରେ ମାଲିକଙ୍କ ମୃତ୍ୟୁ

**ଅନୁଗୋଳ, ୩୦।୫(ସମିସ):** ଘର ଛାତ ପଡୁଥିବା ବେଳେ ବିଦ୍ୟୁତ ଆଘାତରେ ଜଣଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ମୁତାବକ, ସଦର ଥାନା ଅନ୍ତର୍ଗତ କୁମୁରସିହା ଗ୍ରାମର ଦିଲ୍ଲୀପ ବେହେରା (୪୫) ଙ୍କ ଘର ଛାତ ପଡୁଥିଲା। ସେ ପାଣିପମ୍ପକୁ ଯାଇଥିବା ବିଦ୍ୟୁତ ତାର ବୋର୍ଡକୁ ଧରି ଅନ୍ୟତ୍ର ନେଉଥିବା ବେଳେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ଘର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।

## ପୋଖରୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଅନୁଗୋଳ, ୩୦।୫(ସମିସ):** ନାଲକୋ ସିପିପି ଗୋଲେଇ ଛକଠାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଖରୀ ମଧ୍ୟରେ ଭାସୁଥିବା ବେଳେ ପୁଲିସ ଉଦ୍ଧାର କରିଛି। ଆଜି ସକାଳ ସମୟରେ କିଛି ସ୍ଥାନୀୟ ଲୋକେ ଏକ ଯୁବକର ଶବକୁ ନାଲକୋର ନିଜସ୍ୱ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ଅନୁଗୋଳ ଜିଲ୍ଲା ନାଲକୋ ଥାନା ଅନ୍ତର୍ଗତ ସିପିପି ଗୋଲେଇ ଛକ ନିକଟରେ ଥିବା ନାଲକୋ ପୋଖରିରେ ଏହା ଦେଖିଥିଲେ। ଏହା ପରେ ସ୍ଥାନୀୟ ବାସୀ ନାଲକୋ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିଥିବା ବେଳେ ସମାଜସେବୀ ଚିନ୍ମୟୀ ଦାସ ଅଜଣା ଯୁବକଙ୍କ ମୃତ ଶରୀରକୁ ପାଣିରୁ ଉଦ୍ଧାର କରିଥିଲେ। ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ମହିଳାଙ୍କୁ ହତ୍ୟା ଧମକ

**ବଇଣ୍ଡା, ୩୦।୫(ସମିସ):** ଠାକୁରଗଡ଼ ଥାନା ମିଣ୍ଡୋଳ ଗ୍ରାମର ଭାରତୀ ନାୟକଙ୍କୁ ସେହି ଗ୍ରାମର ବିଜୟ ନାୟକ, ମଙ୍ଗୁଳ ନାୟକ, ଲକ୍ଷ୍ମୀଧର ନାୟକ, ପୁରୁଷୋତ୍ତମ ନାୟକ, ସିନ୍ଦୁରଖୋଲ ଗ୍ରାମର ପବିତ୍ର ପ୍ରଧାନ, ସାନହୁଲା ଗ୍ରାମର ପ୍ରଭାକର ପ୍ରଧାନ ମାଡ଼ ମାରିବା ସହ ହତ୍ୟା ଧମକ ଓ ଜାତିଆଣ ଆପେକ୍ଷ କରିଥିବା ଠାକୁରଗଡ଼ ଥାନାରେ ଭାରତୀ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ୧୨୩/୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ଭାରତୀ ତାଙ୍କ ଘରେ ଦୋକାନ ଦେଇଥିବା ବେଳେ ଉକ୍ତ ୬ ଜଣ ଆସି ରାଜନୈତିକ ଆକ୍ରୋଶ ରଖି ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏ ନେଇ ଭାରତୀ ପ୍ରତିବାଦ କରିବାରୁ ତାଙ୍କୁ ୬ ଜଣ ମିଶି ମାଡ଼ମାରିବା ସହ ଜାତିଆଣ ଆପେକ୍ଷ କରିଥିଲେ। ପରେ ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

## ବିଲମାଳରୁ ଶବ ଉଦ୍ଧାର

ବଇଣ୍ଡା, ୩୦।୫(ସମିସ): ହଣ୍ଡପା ଥାନା ବୁଦୁଲିମୁଣ୍ଡା ଗ୍ରାମର ଏକ ବିଲ ମାଳରୁ ଗୁରୁବାର ହଣ୍ଡପା ପୁଲିସ ଏକ ଶବକୁ ଉଦ୍ଧାର କରିଛି। ତାଙ୍କ ପରିଚୟ ଜଣାପଡି ନଥିବା ବେଳେ ବୟସ ୪୫ ବର୍ଷ ହେବ ବୋଲି ପୁଲିସ ଆକଳନ କରିଛି। କିଛିଦିନ ତଳୁ ମଦ୍ୟପାନ କରି କରି ପଡ଼ିଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଘଟଣାରୁ ଜଣା ପଡିଛି ଯେ, ବୁଦୁଲିମୁଣ୍ଡା ଗ୍ରାମର ଏକ ବିଲ ମାଳରେ ଉକ୍ତ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଗୁରୁବାର କିଛି ଗାଈ ଚରାଳି ଦେଖିଥିଲେ। ପରେ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇଁ ହଣ୍ଡପା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛି। ଏଥିସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ମାଟ୍ରିକ ପରୀକ୍ଷାରେ ଅନୁଗୋଳ ସରକାରୀ ହାଇସ୍କୁଲର ସଫଳତା



**ଅନୁଗୋଳ, ୩୦।୫(ସମିସ)** : ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ଉଲେଖନୀୟ ସଫଳତା ଲାଭ କରିଛି। ବିଦ୍ୟାଳୟର ୪୨୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୧୯ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପାସ ହାର ଶତକଡ଼ା ୯୮. ୫୮ ହୋଇଛି। ଏ ୧-ଗ୍ରେଡରେ ଦୁଇ ଜଣ, ଏ- ୨ ଗ୍ରେଡରେ ୨୪ଜଣ, ବି- ୧ ଗ୍ରେଡରେ ୯୨ଜଣ, ବି- ୨ଗ୍ରେଡରେ ୧୧୨ଜଣ, ସି ଗ୍ରେଡରେ ୧୦୮ ଜଣ, ଡି ଗ୍ରେଡରେ ୫୩ଜଣ, ଇ ଗ୍ରେଡରେ ୨୮ ଜଣ ପାସ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ପ୍ରିୟବ୍ରତ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏ -୧ ଗ୍ରେଡରେ ପାସ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବା ଛାତ୍ର ପ୍ରତୀକ କୁମାର ପ୍ରଧାନ (୫୪୬)ଓ ମନୀଷ ସାହୁ (୫୪୦)ଙ୍କୁ ପ୍ରଧାନ ଶିକ୍ଷକ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଶିକ୍ଷକ ପ୍ରିୟବ୍ରତ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତ୍ୟାଗ ଓ ନିଷ୍ଠାର ସହ ଶିକ୍ଷାଦାନ ଓ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ସଫଳତାର ଶ୍ରେୟ ବୋଲି ଛାତ୍ର ଛାତ୍ରୀମାନେ ମତବ୍ୟକ୍ତ କରିଛନ୍ତି। ପରିଚାଳନା କମିଟିର ସଭାପତି, ସଦସ୍ୟ ଗଣ ଓ ଅଭିଭାବକମାନେ ଖୁସି ବ୍ୟକ୍ତକରିବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

**■ ତାତିରୁ ମିଳୁନି ତ୍ରାହି, ଜନଜୀବନ ଅସ୍ତବ୍ୟସ୍ତ**

## ପ୍ରବଳ ଗୁଳୁଗୁଳି ଯୋଗୁଁ ରାସ୍ତାଘାଟ ଖାଁ ଖାଁ

**ତାଳଚେର ସଦର, ୩୦।୫(ସମିସ):** କିଛି ଦିନ ହେବ ଭୟାନକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଯେମିତି ଆକାଶରୁ ନିଆଁ ବର୍ଷୁଛି ସେହିଭଳି ଲାଗୁଛି। ଝାଞ୍ଜିରେ ମୁହଁ ପୋଡ଼ିହେଲା ଭଳି ଲାଗୁଛି। ତାତିଠାରୁ ବଳିଗଲା ଗୁଳୁଗୁଳି, ଘରେ ବି ମଧ ବସି ହେଉନି। ତ୍ରାହି ତ୍ରାହି ଡାକଦେଲେଣି ଛୁଆଠୁ ବୁଢ଼ା ପର୍ଯ୍ୟନ୍ତ। ଗତ ତିନିଦିନ ହେଲା ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ତାଳଚେର ଅଞ୍ଚଳରେ ତାପମାତ୍ରା ୪୭ଡିଗ୍ରୀରୁ କମ୍ ନଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳ ୮ଟାରୁ ଗରମ ଅନୁଭବ ଆରମ୍ଭ ହୋଇ ମଧ୍ୟାହ୍ନ ଓ ଅପରାହ୍ନ ବେଳକୁ ଅସମ୍ଭାଳ ହୋଇପଡୁଛି। ପ୍ରବଳ ତାତି ଯୋଗୁଁ ଅଂଶୁଘାତର ଭୟ ଘାରୁଛି। ଫଳରେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। କୌଣସି ଜରୁରୀ କାମରେ ଯେ କେହି ଘରୁ ବାହାରିଲେ, ବାଧହୋଇ ପାଣି ବୋତଲ ସହ



ମୁଣ୍ଡରେ ଗାମୁଛା ବାନ୍ଧି କିମ୍ବା ଛତା ଧରିବାକୁ ପଡୁଛି। ଗରମରୁ ତ୍ରାହି ପାଇବା ପାଇଁ ଲୋକେ ଟିକେ ବର୍ଷାକୁ ବସିଛନ୍ତି। ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବା ସାଙ୍ଗକୁ ଶରୀର ଝାଳେଇ ଯାଉଛି। ଅନ୍ୟପକ୍ଷରେ ବାହାର ଗରମରୁ ରକ୍ଷା ପାଇବା ପାଇଁ ଘରେ ରହିଲେ ମଧ ଘନ ଘନ ବିଦ୍ୟୁତକାଟ ଯନ୍ତ୍ରଣାକୁ ଦୁଇଗୁଣା କରିପକାଉଛି। ସେପଟେ ପାଣିପାଗ ବିଭାଗର ପୂର୍ବାନୁମାନ କହୁଛି ଯେ, ଆଗାମୀ ଚାରିଦିନ ପର୍ଯ୍ୟନ୍ତ ତାତିରୁ ନିସ୍ତାର ମିଳିବନି, ପାରଦ ଆହୁରି ବଢ଼ିବ। ତେବେ ତାତିରୁ ତ୍ରାହି ମିଳୁ ନଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି।

**■ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ**

## ବିଦ୍ୟାଳୟକୁ ଶିଶୁପ୍ରିୟ କରିବା ଉପରେ ଗୁରୁତ୍ୱ

**ଅନୁଗୋଳ, ୩୦।୫(ସମିସ):** ବିଦ୍ୟାଳୟ ସୁରକ୍ଷା ଓ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନର ସଠିକ କାର୍ଯ୍ୟକାରିତା ସମ୍ପର୍କୀତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲ୍ଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଆମ ବିଦ୍ୟାଳୟକୁ କିପରି ଏକ ଶିଶୁପ୍ରିୟ ତଥା ସୁରକ୍ଷିତ ପରିବେଶ କରାଯାଇପାରିବ ଏ ନେଇ ଦିଗଦର୍ଶନ ଦେଇଥିଲେ। ଏ ଦିଗରେ ଶତ ପ୍ରତିଶତ ସଫଳତା ନିମନ୍ତେ ଆହୁରି ଅଧିକ ପଦକ୍ଷେପ ନେବା ପାଇଁ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ/ସଭ୍ୟା ଓ ଗୋଷ୍ଠୀ ସମୁଦାୟଙ୍କ ସମ୍ପୃକ୍ତି ଅତି ଜରୁରୀ ନେଇ ଆଲୋଚନା କରାଯାଇଥିଲା। ବିଦ୍ୟାଳୟରେ ପଠନରତ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ଜୁନ ୧୯ ରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ଅତିଥିଙ୍କୁ ଅବଗତ କରଯାଇଥିଲା। ଏହାଛଡା ଅନୁଗୋଳ ଜିଲ୍ଲାର ସମସ୍ତ ବିଦ୍ୟାଳୟର ତଥ୍ୟ ଓ ଆନୁଷଙ୍ଗିକ ବିକାଶ ବିଷୟରେ ଆଲୋଚନା କରଯାଇଥିଲା। ସର୍ବଶେଷରେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସଠିକ ସୁପରିଚାଳନା ଓ ମାଗଣା ସ୍କୁଲ ପୋଷାକର ବଣ୍ଟନକୁ ତ୍ୱରାନିତ କରିବା ନେଇ ଆଲୋଚନା କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ସମସ୍ତ ହିସାବ ରକ୍ଷକ, ଡାଟା ଏଣ୍ଟ୍ରି ଅପରେଟର ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତଥା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସଂଯୋଜକ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।



## ଏନ୍‌ଟିପିସି କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**କଣିହାଁ, ୩୦।୫(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ଏନଟିପିସି ଠାରେ ଅଲ୍ ଇଣ୍ଡିଆ ଫେଡେରସନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଣିହାଁ ଶାଖା ସଭାପତି ତଥା ଶ୍ରମିକ ନେତା ସତ୍ୟାନନ୍ଦ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଲ ଇଣ୍ଡିଆ ଫେଡେରସନ ସଭାପତି ବାବର ସଲିମ୍ ପାସା, ଯୁଗ୍ମ ସମ୍ପାଦକ କେପି ଚନ୍ଦ୍ର ବଂଶି, ବିବେକ ସିଂ ସୂର୍ଯ୍ୟବଂଶୀ, କୋଷାଧ୍ୟକ୍ଷ ଅଶୋକ ନାଏକ, ଦିଗାମ୍ବର ଗଡ଼ନାୟକ, ମହେଶ ପ୍ରସାଦ ପାଣି ଯୋଗଦାନ କରିଥିଲେ। ଅତିଥିମାନେ ବକ୍ତବ୍ୟରେ ଶ୍ରମିକମାନଙ୍କର ଆଗାମୀ ଦିନରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଏନଟିପିସି ଅଧିକାରୀଙ୍କୁ ଦାବିପତ୍ର ଦେଇ ପଦକ୍ଷେପ ନେବାକୁ ନିଷ୍ପତ୍ତି କରାଯାଇଛି। ସଂଘର ୮ ଜଣ କର୍ମକର୍ତ୍ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେବଦତ୍ତ ପ୍ରସାଦ ପ୍ରଧାନ, ସୁବୋଧ ପାଣି, ସୁରେଶ ଜେନା, ଶିବରାମ ଦାସ, ସୁଶିଳ କୁମାର ବେହେରା, ଜଗବନ୍ଧୁ ପ୍ରଧାନ, ବିନୋଦ କୁମାର ସାହୁ, ନିର୍ମଳ ପ୍ରଧାନ, କିଶୋର ସାହୁ, ଚକ୍ରଧର ସାହୁ, ବିମଳ ପ୍ରଧାନ, ଚତୁର୍ଭୁଜ ବେହେରା, ସୁମନ ବେହେରା, ଅଙ୍କିତ ନାଥ, ପୁରଷୋତ୍ତମ ପ୍ରଧାନ, ଲଳିତ ମୋହନ ପ୍ରଧାନ, ଶ୍ରୀଧର ସାହୁ, ବଳରାମ ସାହୁ, ବିରବର ସାହୁ, ସାଗର ସେଠି, ଗୋପାଳ ଚନ୍ଦ୍ର ସାହୁ, କିଶୋର ସାହୁ ଉପସ୍ଥିତ ଥିଲେ।

## ଦେଶୀ କୁକୁଡ଼ା ଚାଷକୁ ମିଳୁନି ପ୍ରୋତ୍ସାହନ

**ତାଳଚେର ସଦର, ୩୦।୫(ସମିସ)**

ଅନୁଗୋଳ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀଙ୍କ ପାରମ୍ପରିକ ଦେଶୀ କୁକୁଡ଼ା ଚାଷ ନିମନ୍ତେ ପ୍ରଶାସନ ତରଫରୁ ସେପରି କୌଣସି ଆଖୁଦୃଶିଆ ପ୍ରୋତ୍ସାହନ ମିଳୁ ନଥିବାରୁ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ କ୍ରମଶଃ ଏହା ଲୋପ ହେବାକୁ ବସିଲାଣି। ରାଜ୍ୟ ତଥା ରାଜ୍ୟ ବାହାରେ ଦେଶୀ କୁକୁଡ଼ାର ମାଂସ ଅଧିକ ଲୋକପ୍ରିୟ ହୋଇଥିବା ବେଳେ ଏନେଇ ଯୋଜନା ପ୍ରସ୍ତୁତ କରିବା ପାଇଁ ଜନମତ ପ୍ରକାଶ ପାଉଛି। ଅତୀତରେ ଗ୍ରାମାଞ୍ଚଳର ଜନସାଧାରଣ ଦେଶୀ କୁକୁଡ଼ା ମାଂସ ସାଙ୍ଗକୁ ଅଣ୍ଡା ଖାଇବା ପାଇଁ ଏହି କୁକୁଡ଼ା ଘରେ ଘରେ ପାଳନ କରୁଥିଲେ। ଡାକ୍ତରୀ ଚିକିତ୍ସାରେ ମଧ ଉକ୍ତ ମାଂସ ଓ ଅଣ୍ଡାର ଅଧିକ ଆବଶ୍ୟକତା ରହିଛି। ତା' ସାଙ୍ଗକୁ ଏବେ ବଜାରରେ ଦେଶୀ କ୍ଷୀର ଓ ଅଣ୍ଡାର ଚାହିଦା ଅଧିକ ହେଉଥିବା ବେଳେ ଏନେଇ ସରକାରଙ୍କ ଯୋଜନା ଆବଶ୍ୟକ ବୋଲି କୁହାଯାଉଛି। ଏଥିରେ ଅଧିକ ମାତ୍ରାରେ ଖାଦ୍ୟପ୍ରାଣ ବା ଭିଟାମିନ ରହିଛି। ଏବେ ବଜାରରେ ଲହୁଣୀ ବିହୀନ କ୍ଷୀର ସାଙ୍ଗକୁ ଲେୟାର ଅଣ୍ଡା ମିଳୁଥିବା ବେଳେ ସେଥିରେ ଶରୀର ପାଇଁ ଆବଶ୍ୟକ ଭିଟାମିନ



ପୂରଣ ହେବା ଅସମ୍ଭବ। ଅନ୍ୟ ଦିଗରେ ଦେଖିବାକୁ ଗଲେ ଆଦିବାସୀମାନେ ବିଶେଷକରି ଦେଶୀ କୁକୁଡ଼ା ଚାଷକାରୀ ବିଶେଷ ଭାବେ ଉପକୃତ ହୋଇଥାନ୍ତି। ବନ୍ଧୁବାନ୍ଧବଙ୍କ ଘରକୁ ଗଲେ ଦେଶୀ କୁକୁଡ଼ା ଖାଇବା ପାଇଁ ପରସିଥାନ୍ତି। ଆଦିବାସୀ ଦେଶୀ କୁକୁଡ଼ା ଚାଷ କରିବା ସେମାନଙ୍କ ଏକ ପରମ୍ପରା ହୋଇଥିବା ବେଳେ ପ୍ରତିବର୍ଷ ବାର୍ଡ ଫ୍ଲୁ ବ୍ୟାପିବା କାରଣରୁ ଦେଶୀ କୁକୁଡ଼ା ବଂଶ ଲୋପ ପାଇବାକୁ ବସିଲାଣି। ଏଥିସହ କୁକୁଡ଼ା ବିକ୍ରି ଲବ୍ଧ ଟଙ୍କା ବାହାଘର ଓ ପର୍ବ ପର୍ବାଣିରେ ଖର୍ଚ୍ଚ ତୁଲାଇବା ସହ ଆଦିବାସୀମାନେ ଲୁଗାପଟା ଓ ଅନ୍ୟାନ୍ୟ ନିତିଦିନିଆ ଖର୍ଚ୍ଚ ତୁଲାଇଥାନ୍ତି। କିନ୍ତୁ ସରକାରୀ ପ୍ରୋତ୍ସାହନ ଅଭାବରୁ ଆଦିବାସୀମାନେ କ୍ରମଶଃ ଏହି କୁକୁଡ଼ା ଚାଷଠାରୁ ଦୂରେଇ ଯାଉଛନ୍ତି। ଫଳସ୍ୱରୂପ ସେମାନଙ୍କ ଅର୍ଥନୈତିକ ସ୍ଥିତି କ୍ରମଶଃ ଦୁର୍ବଳ ହୋଇପଡୁଛି। ଏହି ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ମିଳୁ ନଥିବାରୁ ଆଗାମୀ ଦିନରେ ରାଜ୍ୟବାସୀ ଦେଶୀ କୁକୁଡ଼ାର ମାଂସ ଓ ଅଣ୍ଡା ପାଇବାରୁ ବଞ୍ଚିତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଦୈନିକ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ମାଟ୍ରିକ ଉତ୍କର୍ଷ ସମ୍ମାନ

# କେନ୍ଦ୍ରାପଡ଼ାର ଜିଲ୍ଲା ଟପ୍ପର, ବ୍ଲକ୍ ଟପ୍ପର ଓ ଶିକ୍ଷକ ସମ୍ବର୍ଦ୍ଧିତ



**କେନ୍ଦ୍ରାପଡ଼ା,୩୦।୫(ସମିସ)**

ଦୈନିକ 'ସକାଳ' ଓ "ନନ୍ଦିଘୋଷ ଟିଭି' ପକ୍ଷରୁ "ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୪' ବୁଧବାର ଭୁବନେଶ୍ୱରସ୍ଥ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମାଧ୍ୟମିକ ବୋର୍ଡ଼ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ଚଳିତ ବର୍ଷ ଉତ୍ତୀର୍ଣ୍ଣ କୃତୀ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ସକାଳ' ଓ 'ନନ୍ଦିଘୋଷ' ଟିଭି ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।ଜିଲ୍ଲା ଓ ବ୍ଲକ ସ୍ତରରେ ସର୍ବାଧିକ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଓ ଜିଲ୍ଲାସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଦ୍ୟାଳୟ ଆଉ ଜିଲ୍ଲା ଟପ୍ପର ସ୍କୁଲର ପ୍ରଧାନଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। ଜିଲ୍ଲାରୁ କୃତିତ୍ୱ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକଙ୍କୁ ଉତ୍ତରୀୟ, ଟ୍ରଫି, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜକନିକା ଆରଏନ୍ ହାଇସ୍କୁଲର ଜିଲ୍ଲା ଟପ୍ପର ଅନନ୍ୟା ବାରିକ ଏବଂ ପ୍ରଧାନଶିକ୍ଷକ କୈଳାଶ ଦଳାଇଙ୍କମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ମହାକାଳପଡ଼ାର ଜୟଚନ୍ଦ୍ରପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପି. ଜୀବନ ପ୍ରଦୀପ, ଗରଦପୁର ବ୍ଲକ ତେଣ୍ଡାକୁଡା ଏଫ୍. ଏଚ ଉଚ୍ଚ ବିଦ୍ୟାଳୟର ରାଜେଶ କୁମାର ନାୟକ, କେନ୍ଦ୍ରାପଡ଼ା ବ୍ଲକର ମାନସ୍ୱୀ ଦାସ, ଅଂଶୁମାନ ରାଉତରାୟ, ଜ୍ୟୋତିର୍ଜିଜ୍ଞାସା ପଣ୍ଡା, ଓମ ପ୍ରକାଶ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକର କଷଣଅଣ୍ଟାର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରାଜଲକ୍ଷ୍ମୀ କର, ରାଜନଗରର ବଡପାଲ୍ଲି ହାଇସ୍କୁଲର ଦେବୀପ୍ରସାଦ ରଥ, ମାର୍ଶାଘାଇ ଗାନ୍ଧୀଜୀ ୟୁବିପି ବିଦ୍ୟାଳୟର ହରପ୍ରିୟା ଜେନା, ଡେରାବିଶ ବ୍ଲକର ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ଅର୍ପିତା ବେହୁରା, ଡେରାବିଶ ଉଚ୍ଚ ବିଦ୍ୟାଳୟର ସୁଶ୍ରୀଭାଗ୍ୟଶ୍ରୀ ଦାଶ, ଠାକୁରପାଟଣା ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ହଂଶିକା ଦାସଙ୍କୁ ସେମାନଙ୍କ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ କୃତୀ ଛାତ୍ରଛାତ୍ରୀଙ୍କୁ "ସକାଳ' ଓ "ନନ୍ଦିଘୋଷ ଟିଭି' ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ପରେ ଛାତ୍ରଛାତ୍ରୀମାନେ ଖୁସିବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅତିଥିମାନେ ଦୈନିକ "ସକାଳ' ଓ "ନନ୍ଦିଘୋଷ ଟିଭି'ର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ ।

### ରାଜନଗର ଓ ପଟ୍ଟାମୁଣ୍ଡାଇରେ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଚଢ଼ଉ

## ଫ୍ରିଜ୍, ୱାସିଂମେସିନ୍, ରୋଷେଇଘର ଯାଞ୍ଚ କଲେ

**ରାଜନଗର, ୩୦।୫(ସମିସ) :** ଆଜି ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇଛି। ଆଜି ଅପରାହ୍ନରେ ୮ ଜଣିଆ ଏକ ଟିମ୍ ରାଜନଗର ବ୍ଲକର ଗର୍ଜନପୁର ମୌଜାର ନୀଳମାଧବ ଦାଶ ଓ ସର୍ବେଶ୍ୱର ମହାନ୍ତିଙ୍କ ଘରେ ଚଢଉ କରିଥିଲେ। ରାଜନଗର ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ନିର୍ବାଚନୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଇଆରଏସ ଭୂବନେଶ୍ୱରୀ ଏସ୍, କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ଦାୟିତ୍ୱରେ ଥିବା ନିର୍ବାଚନୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଇଆରଏଏସ ସ୍ୱାତୀ ତୁଲେଟଙ୍କ ନେତୃତ୍ୱରେ ଏହି ୮ଜଣିଆ ଟିମ୍ ଏହି ଯାଞ୍ଚ କରିଥିଲେ। ପ୍ରଥମେ ଏହି ଟିମ୍ ନୀଳମାଧବ ଦାଶଙ୍କ ଘରେ ପହଞ୍ଚି ଯାଞ୍ଚ କରିଥିଲେ। ତାଙ୍କ ଘରର ରୋଷେଇ ଘର, ବେଡରୁମ, ଟିଭି କଭରଠୁଁ ଆରମ୍ଭ କରି ୱାସିଂ ମେସିନ ଯାଏଁ ଯାଞ୍ଚ କରିଥିଲେ। ଏହାପରେ ଏହି ଟିମ୍ ଏହି ମୌଜାର ସର୍ବେଶ୍ୱର ମହାନ୍ତିଙ୍କ ଘରେ ପହଁଚି ଯାଞ୍ଚ କରିଥିଲେ। ସମସ୍ତ ଘର ସମେତ ରୋଷେଇ ଘର, ଘରର ଛାତ ଉପରେ ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ। ଏପରିକି ରୋଷେଇ ଘରେ ଥିବା ଫ୍ରିଜ ସମେତ ୱାସିଂ ମେସିନ ଖୋଲି ଯାଞ୍ଚ କରିଥିଲେ। ଯାଞ୍ଚ କରି ଟିମ୍ ଗଣମାଧ୍ୟମକୁ କୌଣସି ସୂଚନା ଦେଇନଥିଲେ।

## ତେଜେଶ୍ୱରଙ୍କ ମାରାଥନ୍ ପ୍ରଚାର



**ଡେରାବିଶ, ୩୦।୫ (ସମିସ):** ଚଳିତ ସାଧାରଣ ନିର୍ବାଚନ ଅନ୍ତିମ ପର୍ଯ୍ୟାୟ ପ୍ରଚାରର ଆଜି ଶେଷ ଦିନ। ପାଟକୁରା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ଆଜି ଅପରାହ୍ନରେ ଶେଷ ରୋଡ୍ ସୋ କରି ନିଜ ସପକ୍ଷରେ ଭୋଟ ପାଇଁ ଜୋରଦାର ପ୍ରଚାର କରିଥିଲେ। ଡେରାବିଶ ବ୍ଲକର ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁରସ୍ଥିତ ରଘୁନାଥଜୀଉଙ୍କ ମନ୍ଦିରରୁ ଏକ ବାଇକ୍ ର୍ୟାଲି ବାହାରିଥିଲା। ଶ୍ରୀ ପରିଡ଼ା ମୁକୁନ୍ଦପୁର ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିବା ପରେ ଦାନପୁର ଓ ଚାନ୍ଦୋଳ ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା ପରେ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇଠାରେ ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁକୁନ୍ଦପୁର ପଞ୍ଚାୟତର ସ୍ମାରକ ମହାନ୍ତି, ତାପସ ରଞ୍ଜନ ନାୟକ, ଦାନପୁର ପଞ୍ଚାୟତର ସତ୍ୟରଞ୍ଜନ ସ୍ୱାଇଁ, ଡକ୍ଟର ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ମୁକୁନ୍ଦପୁରର ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାହୁ, ଅୟସ ଦାସ, ଦିପ୍ତିକାନ୍ତ ସାହୁ, ଅକ୍ଷୟ କୁମାର ସ୍ୱାଇଁ, ଶରତ ମଲିକ, ଅଜୟ ସାହୁ, ବଟକୃଷ୍ଣ ସାହୁ, ଧିରେନ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗଣକବି ଗୋପାଳ ଦାଶଙ୍କ ଜୟନ୍ତୀ ପାଳିତ



**କେନ୍ଦ୍ରାପଡା,୩୦।୫(ସମିସ):** ଜିଲ୍ଲାର ସାଂସ୍କୃତିକ ଅନୁଷ୍ଠାନ ସତୀର୍ଥ ତରଫରୁ ଗଣକବି ଗୋପାଳ ଦାଶଙ୍କ ୧୪୯ତମ ଜନ୍ମ ଜୟନ୍ତୀ ସଭାପତି ଅମରପ୍ରସାଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କବି ହେମନ୍ତ ରାଉତ, ମୁଖ୍ୟବକ୍ତା ଭାବେ ଜଗଦାନନ୍ଦ ଜେନା ,ସମ୍ମାନିତ ବକ୍ତା ଭାବେ ପ୍ରଫେସର କୈଳାସ ଚନ୍ଦ୍ର ବରାଳ, ପଣ୍ଡିତ ପଦ୍ମନାଭ ଦାଶ ଓ କବି ରାମକୃଷ୍ଣ ଦାଶ ଯୋଗଦେଇ କହିଲେ ଓଡିଶାର ଗୀତିନାଟ୍ୟ ପରମ୍ପରାରେ ଗଣକବି ଗୋପାଳ ଦାଶ ଙ୍କ କୃତି ଓ କିର୍ତ୍ତୀ ଊନବିଂଶ ଶତାବ୍ଦୀର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଅଧ୍ୟୟନ ଓ ଅଧ୍ୟାପନ ଅଭାବରୁ ଗୋପାଳ ଦାଶଙ୍କ ଐତିହାସିକ ସୃଷ୍ଟି ଆଜି ବିସ୍ମୃତି ଗର୍ଭରେ ହଜିଯିବାକୁ ବସିଛି । ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଗଣକବିଙ୍କ ତୈଳଚିତ୍ରରେ ପୁଷ୍ପାର୍ପଣ କରିଥିଲେ । କବିଶୈଳଜା ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଗୁରୁ ରାଜକିଶୋର ଜେନା, ଅନୁସୂୟା ସାମଲ ଗଣକବି ଗୋପାଳ ଦାଶଙ୍କ ରଚିତ ଲୀଳାଗାନ କରିଥିଲେ । ସଂପାଦକ ମନ୍ମଥ ବରାଳ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ମେକାପ, ଗଗନ ଜେନା, ଡ.ରତ୍ନାକର ମଲ୍ଲିକ, ବିକ୍ରମ ପରିଡା, ପ୍ରଫୁଲ୍ଲ କୁମାର ନାୟକ, ନୃସିଂହ- ତ୍ରିପାଠୀ ପ୍ରମୁଖ ଗଣକବିଙ୍କ ରଚନାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କବି ଯାମିନୀ ଦାସ, ଶାନ୍ତିଲତା- ଜେନା,ସଂଜୟ ମଲିକ, ଚଂଜନ ବାଣୀପୀଠ,ଦୂର୍ଗାଶ୍ରୀ ସାହୁ ପ୍ରମୁଖ ସେମାନଙ୍କ ସ୍ୱରଚିତ କବିତା ମାଧ୍ୟମରେ ଗଣକବି ସେମାନଙ୍କ ଶ୍ରଦ୍ଧାସୁମନ ନିବେଦନ କରିଥିଲେ । ଉପସଭାପତି ମାଧବ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଭାଗବତ ଷଡଙ୍ଗୀ, ସନାତନ ପାଣି, ଫଗୁ ଚରଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେଡିରେ ମିଶିଲେ ବିଜେପି ଓ କଂଗ୍ରେସ କର୍ମୀ

**ବଡ଼ଚଣା, ୩୦।୫(ସମିସ):** ବଡ଼ଚଣା ନିର୍ବାଚନମଣ୍ଡଳୀର ଚଣ୍ଡିଖୋଲସ୍ଥ ବିଜେଡି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ସ୍ୱଚ୍ଛ ଶାସନ ଉପରେ ଆସ୍ଥା ପ୍ରକଟ କରି ବୁଧୁବାର ସନ୍ଧ୍ୟାରେ ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବହୁ ବିଜେପି ଓ କଂଗ୍ରେସ ଦଳର କର୍ମକର୍ତ୍ତା ବିଧିବଦ୍ଧ ଭାବେ ବିଜେଡି ଦଳରେ ସାମିଲ ହୋଇଛନ୍ତି। ବାଲିଚନ୍ଦ୍ରପୁର ପଞ୍ଚାୟତର ଜନ୍ମେଜୟ ମିଶ୍ର, ରମେଶ ପୃଷ୍ଟି, ବିଜୟ ମଲିକ ପ୍ରମୁଖ ବିଜେପି ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜେଡି ଦଳରେ ଯୋଗଦାନ କରିଛନ୍ତି। ସେହିପରି ମାଣ୍ଡୁକା ପଞ୍ଚାୟତର ବାଇଧର ଦଳେଇ, ଦେବେନ୍ଦ୍ର ଜେନା, ନିର୍ମଳ ଦଳେଇ, ଭାବଗ୍ରାହୀ ଦଳେଇ, କୈଳାସ ଦଳେଇ, ରାଜକିଶୋର ଦଳେଇ, ସୁରେଶ ଦଳେଇ, ନାରାୟଣ ଦଳେଇ, ସୁଶାନ୍ତ ଜେନା, ହାପି ଜେନା, ଉପେନ୍ଦ୍ର ଦଳେଇ, ଅଙ୍କୁର ଦଳେଇ, ମଦନ ଦଳେଇ, ବିଶ୍ୱନାଥ ଦଳେଇ ପ୍ରମୁଖ ଉଭୟ ବିଜେପି ଓ କଂଗ୍ରେସ କଂଗ୍ରେସ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜେଡି ଦଳରେ ଯୋଗଦାନ କରିଛନ୍ତି। ବଡ଼ଚଣା ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଧର୍ମରାଜ ମହାନ୍ତି, ପ୍ରଦୀପ୍ତ ସଣ୍ଢ, ରଞ୍ଜନ ସାହୁ, ଚନ୍ଦନ ବାନାଙ୍କ ସମେତ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା,୩୦।୫(ସମିସ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ସାହସପୁର ଉଚ୍ଚବିଦ୍ୟାଳୟର ଛାତ୍ରୀ ମୋନାଲିସା ନାୟକ ମାଟ୍ରିକ୍ ପରୀକ୍ଷାରେ ୫୫୧ ଏବଂ ଛାତ୍ର ବୀରେନ୍ ପ୍ରଧାନ ୪୯୪ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ କଂସାର ପଞ୍ଚାୟତର ସରପଞ୍ଚ ସରୋଜିନୀ ନାୟକ ତାଙ୍କୁ ଆଜି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଏହି ଦୁଇ ପ୍ରତିଭା ତାଙ୍କ ପଞ୍ଚାୟତର ଗର୍ବ ଓ ଗୌରବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ପରିଡା, ରାଜେନ୍ଦ୍ର ବିଶ୍ୱାଳ, ମନୋଜ କୁମାର ନାୟକ, ଅରୁଣ କୁମାର ନାୟକ, ସମାଜସେବୀ ନିରଞ୍ଜନ ପରିଡା ପ୍ରମୁଖ ଏହି ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ।

## ସରିଲା ପ୍ରଚାର: ବଢ଼ିଲା ଭୋଟ ତାତି

**ପାରାଦୀପ, ୩୦।୫ (ସମିସ):** ଆଜି ରାଜ୍ୟରେ ହେବାକୁ ଥିବା ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ ହୋଇଥିବା ବେଳେ ଜୁନ ୧ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଆଜି ଏହାର ପ୍ରଚାର ପ୍ରସାର ସନ୍ଧ୍ୟା ୬ଟା ଠାରୁ ବନ୍ଦ ହୋଇଛି ।ଶେଷ ଦିନରେ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ସହ ଅନ୍ୟାନ୍ୟ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ତେବେ ୨୦୨୪ ନିର୍ବାଚନ ରେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳିବ ତାକୁ ନେଇ ରାଜନୈତିକ ମହଲରେ ଅଙ୍କକଷା ଆରମ୍ଭ ହୋଇ ଗଲାଣି ।ପାରାଦୀପ ବିଧାନସଭା ଆସନରେ ସର୍ବମୋଟ ୭ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି, ବିକେପି ଓ କଂଗ୍ରେସ ସମେତ ଅନାନ୍ୟା ଦଳ ଓ ସ୍ୱାଧୀନ ପ୍ରାର୍ଥୀ ତିନିଜଣ ନିର୍ବାଚନରେ ଭାଗ ନେଇଛନ୍ତି ।୨୦୧୯ ନିର୍ବାଚନ ରେ ପାରାଦୀପ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୨୦ ହଜାର ୩୯୩ ଥିବା ବେଳେ ସେଥିମଧ୍ୟରୁ ମହିଳା ୧ ଲକ୍ଷ ୪ ହଜାର ୮୫୪ ଓ ପୁରୁଷ ୧ ଲକ୍ଷ ୧୫ ହଜାର ୫୦୦ ଓ ଅନ୍ୟ ୩୯ ଜଣ ରହିଛନ୍ତି ।ଏହି ପରିପ୍ରେକ୍ଷୀରେ ୧ ଜୁନରେ ହେବାକୁ ଥିବା ମତଦାନ ପାଇଁ ପାରାଦୀପ ମ୍ୟୁନିସିପାଲିଟି ସମେତ ୩୬ ପଞ୍ଚାୟତ ପାଇଁ ବୁଥ ପ୍ରସ୍ତୁତ ହୋଇଥିବା ଜଣାପଡିଛି ।ବୁଥ ଗୁଡିକରେ ଭୋଟର ମାନଙ୍କ ପାଇଁ ସମସ୍ତ ସର୍ବନିମ୍ନ ସୁବିଧା କରାଯାଇଛି ।ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିବା ବେଳେ ପାରାଦୀପ ବିଧାନସଭା କ୍ଷେତ୍ରରେ ରହିଥିବା ୨୩୩ ଟି ମତଦାନ କେନ୍ଦ୍ର ଅଭିମୁଖେ ଗସ୍ତ କରିଛନ୍ତି ପୋଲିଂକର୍ମଚାରୀ ।ଏଥର ପାରାଦୀପ ଜଗତସିଂହପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅଧିନ ୭ ଟି ବିଧାନସଭା ଆସନର ସବୁଠି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା କୁହାଯାଉଛି ।ଏହି ପର୍ଯ୍ୟାୟରେ ସାଂସଦ ପ୍ରାର୍ଥୀ ଡଃ ରାଜଶ୍ରୀ ମଲ୍ଲିକ ଓ ପାରାଦୀପ ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ନିର୍ବାଚନରେ ଅସାଧୁ ଉପାୟ ଅବଲମ୍ବନ ପ୍ରୟାସକୁ ରୋଗିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି।

# ପୁଅ ଅରବିନ୍ଦଙ୍କ ପାଇଁ ଗୋଲରାହାଟରେ ବିଜୟ ମହାପାତ୍ରଙ୍କ ପ୍ରଚାର

**ଡେରାବିଶ, ୩୦।୫ (ସମିସ)**

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କର୍ମୀ ସମାବେଶରେ ଗତକାଲି ସନ୍ଧ୍ୟାରେ ପାଟକୁରାର ବିଜେଡ଼ି ପ୍ରାର୍ଥୀ ତଥା ତାଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କ ପାଇଁ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଭୋଟ ଭିକ୍ଷା କରିଛନ୍ତି। ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ମିନିଷ୍ଟାଡିୟମ ନିକଟସ୍ଥ ମେଲଣ ପଡିଆରେ ଗତକାଲି ସନ୍ଧ୍ୟରେ ପଞ୍ଚାୟତ ବିଜେଡି ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ କର୍ମୀ ସମାବେଶରେ ଶ୍ରୀ ମହାପାତ୍ର ଯୋଗଦେଇ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ସମେତ ଏହା ଅଧିନ ପାଟକୁରା ବିଧାନସଭା କ୍ଷେତ୍ରର ସାମୁହିକ ଉନ୍ନତି ଓ ପ୍ରଗତି ସହିତ ପାଟକୁରାର ପୂର୍ବ ଗୌରବ ଓ ସ୍ୱଭିମାନ ରକ୍ଷା ପାଇଁ ଭୋଟରମାନେ ବିପୁଳ ସଂଖ୍ୟାରେ ଶଙ୍ଖ ଚିହ୍ନରେ ମତଦାନ କରବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ, ଗୋଲରାହାଟ ସମିତିସଭ୍ୟ କରୁଣାକର କାଣ୍ଡି, ତ୍ରିଲୋଚନ ରାଉତ, କ୍ଷେତ୍ରବାସୀ ମହାନ୍ତି, ସାହାଜାନ ଖାଁ ଓ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ସେମାନଙ୍କ ବକ୍ତବ୍ୟ ମାଧ୍ୟମରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ôଥଙ୍କ ପାଇଁ ଭୋଟ ପ୍ରଚାର କରିଥିଲେ। ପରେ ଏହି ପଞ୍ଚାୟତ ଅନ୍ତର୍ଗତ ତିଲକଣା ଗ୍ରାମରେ ବରିଷ୍ଠ ବିଜେଡ଼ି ନେତା ବାନାମ୍ବର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମୀ ସମାବେଶରେ ଶ୍ରୀ ମହାପାତ୍ର ଯୋଗଦେଇ କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ପାଟକୁରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜନପ୍ରିୟ ନେତା ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂ, ଅଜୟ ସାହୁ, ପ୍ରଭାକର ଲେଙ୍କା, ଗୋଲରାହାଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିପିନି ବିହାରୀ ସାହୁ, ପ୍ରଦ୍ୟୁମ୍ନ କୁମାର ରାଉତ, ସୁରେନ୍ଦ୍ର ପଲେଇ ପ୍ରମୁଖ ଯୋଗଦେଇ ସାଂସଦ ପ୍ରାର୍ଥୀ ଶ୍ରୀ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଶ୍ରୀ ମହାପାତ୍ରଙ୍କୁ ବିପୁଳ ସଂଖ୍ୟାରେ ଜିତାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଉଭୟ ଏହି କର୍ମୀ ସମ୍ମିଳନୀରେ ପଞ୍ଚାୟତର ଶତାଧିକ ଛାମୁଆଁ ବିଜେଡି କର୍ମୀମାନେ ଯୋଗଦେଇଥିଲେ।



## ବୈଜୟନ୍ତ ଓ ଲଳିତଙ୍କ ରୋଡ୍ ଶୋ'

**ରାଜନଗର, ୩୦।୫ (ସମିସ):** ପ୍ରଚାରର ଶେଷ ଦିନରେ ବିଜେପି ପକ୍ଷରୁ ରାଜନଗର ବ୍ଲକରେ ରୋଡଶୋ କରାଯାଇଛି। ନାମାଙ୍କନ ପରଠୁଁ ଗୋଟିଏ ବି ରୋଡଶୋ କିମ୍ବା ସଭା କରିନଥିବା ବିଜେପି ଆଜି ଶେଷ ଦିନରେ ୩୧ନଂ ଜୋନର ୭ଟି ପଞ୍ଚାୟତରେ ରୋଡସୋ କରିଛି। କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ରାଜନଗର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା ମିଳିତ ଭାବେ ରୋଡସୋ କରି ଲୋକଙ୍କ ଆଶ୍ରୀର୍ବାଦ ଭିକ୍ଷା କରିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀର କୃଷ୍ଣନଗର ରୁ ଏହି ରୋଡସୋ ବାହାରି ତାଳଚୁଆ, ଡାଙ୍ଗମାଳ, ରଙ୍ଗଣୀ, ବାଘମାରୀ, ଖମାରସାହି ପଞ୍ଚାୟତ ପରିକ୍ରମା କରିଥିଲା। ରାଜନଗରରେ ବିଜେପି ପ୍ରାର୍ଥିତ୍ୱକୁ ନେଇ ଦଳ ଭିତରେ ଆଗଧାଡିର ନେତା ବିରୋଧ କରୁଥିବାରୁ ଦଳ ନାମାଙ୍କନ ପୂର୍ବରୁ କାର୍ଯ୍ୟକର୍ତା ସମ୍ମିଳନୀକୁ ବାଦ ଦେଲେ ରାଜନଗର ବ୍ଲକ ଅଞ୍ଚଳରେ ଗୋଟିଏ ବି ସାଧାରଣ ସଭା କରିପାରିନଥିଲା। ଆଜି ଶେଷ ଦିନରେ ନିର୍ବାଚନର ପ୍ରଥମ ଓ ଶେଷ ରୋଡସୋ କରି ଆଶ୍ରୀର୍ବାଦ ଭିକ୍ଷା କରିଛନ୍ତି।



# ଚାଷିଖଣ୍ଡରେ ବିଜେଡିର ପ୍ରଚାର



**ବିରିଡି, ୩୦।୫ (ସମିସ):** ବିରିଡି ବ୍ଲକ ପୂରଣ ପଞ୍ଚାୟତ ଚାଷିଖଣ୍ଡ ଗ୍ରାମର ୧୩ ନମ୍ବର ୱାର୍ଡରେ ବିଜେଡି ଜିଲା ସମ୍ପାଦିକା ପ୍ରତିମା ମହାରଣା ଘର ଘର ବୁଲି ପୁସିଂ କାର୍ଡ ବଣ୍ଟନ କରି ଦଳର ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଥିବାର ଦେଖିବାକୁ ମିଳିଥିଲା। ଶ୍ରୀମତୀ ମହାରଣା ଲୋକଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଯୋଗାଇ ଆସୁଥିବା ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ମଧ୍ୟ ସଚେତନ କରିଥିଲେ। ତାଙ୍କ ସହିତ ଗ୍ରାମର ବହୁ ମହିଳା ସାମିଲ ହୋଇଥିଲେ।

# ବିଜେଡିର ଜୋର୍‌ଦାର୍ ପ୍ରଚାର

**ଏରସମା, ୩୦।୫(ସମିସ):** ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀରେ ଜୋରଦାର ପ୍ରଚାର ପ୍ରସାର ଲାଗି ରହିଥିବା ବେଳେ ପ୍ରମୁଖ ତିନି ଦଳ ସହିତ ସ୍ୱାଧିନ ପ୍ରାର୍ଥୀ ମଧ୍ୟ ନିର୍ବାଚନ ମଇଦାନରେ କସରତ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣ ଭୋଟର କାହା ମୁଣ୍ଡରେ ବିଜୟ ମୁକୁଟ ପିନ୍ଧିବେ। ତାହା ବର୍ତ୍ତମାନ ଚର୍ଚ୍ଚା ବିଷୟ ପାଲଟିଛି। ସେହିପରି ଆଜି ବିଜୁ ଜନତାଦଳର ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନାଙ୍କ ଆଗ ଧାଡିର ନେତୃତ୍ୱ ନେଇଥିବା ତଥା ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ଯୁବ ସଭାପତି ପାର୍ଥ ସାରଥି ରାଉତ ରଣନିତୀ ପ୍ରସ୍ତୁତ କରି ନିଜ ସାଂଗଠନିକ ମହିଳା ଏବଂ ଯୁବ କର୍ମୀମାନଙ୍କୁ ନେଇ ଗାଁ ଗାଁ ବୁଲି ସାରଦା ପ୍ରସନ୍ନ ଜେନାଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ପରିମାଣରେ ଭୋଟ ଦେଇ ଜିତାଇବା ସହିତ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଦେଖିବା ପାଇଁ ନିବେଦନ କରିଥିଲେ।

### ନିର୍ବାଚନ ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ଶେଷ

# ଜିଲ୍ଲାରେ ୯, ୬୦, ୭୩୯ ମତଦାତା ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ

ଜଗତସିଂହପୁର, ୩୦।୫ (ସମିସ)



ଜୁନ ୧ ତାରିଖ ରେ ଜଗତସିଂହପୁର ଜିଲ୍ଲାରେ ହେବାକୁ ଥିବା ସପ୍ତମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୯, ୬୦, ୭୩୯ ଜଣ ମତଦାତାଙ୍କ ମତଦାନ ପାଇଁ ୧୦୫୧ ଟି ବୁଥ ପ୍ରସ୍ତୁତି କରାଯାଇଥିବା ଜିଲ୍ଲା ପ୍ରଶାସନ ଠାରୁ ସୂଚନା ମିଳିଛି।ଏହି ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନୁପମ ସାହା ସାଧାରଣ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଏଥର ଜଗତସିଂହପୁର ଜିଲ୍ଲାରେ ସର୍ବମୋଟ ୯, ୬୦, ୭୩୯ ଜଣ ମତଦାତା ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ। ଯେଉଁଥିରେ ୪, ୯୭, ୧୨୩ ଜଣ ପୁରୁଷ ଭୋଟର ୪, ୬୩, ୫୧୯ ଜଣ ମହିଳା ଭୋଟର ଓ ୯୭ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ଜିଲ୍ଲାରେ ୪ଟି ନିର୍ବାଚନ ମଣ୍ଡଳୀ ନିମନ୍ତେ ୮୫୪ଟି ସ୍ଥାନରେ ୧୦୫୧ଟି ବୁଥ କରାଯାଇଛି।ଯେଉଁଥିରେ ୧୪୪ଟି ଆଦର୍ଶ ମତଦାନ କେନ୍ଦ୍ର ନିର୍ଦ୍ଧାରଣ କରାଯାଇଛି। ଏଥିମଧ୍ୟରୁ ୧୩୪ଟି ମହିଳା ପୋଲିଂ ଅଧିକାରୀ ଙ୍କୁ ନେଇ ସଖୀ ବୁଥ, ୮ଟି ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ବୁଥ ଏବଂ ୨ଟି ଭିନ୍ନକ୍ଷମ ପରିଚାଳିତ ପୋଲିଂ ରହିଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସଖୀ ବୁଥ ଗୁଡ଼ିକରେ ନିଯୋଜିତ ମହିଳା ଅଧିକାରୀଙ୍କ ସୁବିଧା ସୁଯୋଗ ସହ ସୁରକ୍ଷା ନିମନ୍ତେ ମହିଳା ପୁଲିସ ମୁତୟନ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ୧୬ ଟି କ୍ରିଟିକାଲ ଓ ୩୩ ଟି ଭଲନରେବଲ ବୁଥ ଚିହ୍ନଟ କରାଯାଇଛି। ସମ୍ବେଦନଶୀଳ ବୁଥ ସମେତ ସମସ୍ତ ମତଦାନ କେନ୍ଦ୍ରରେ ୧୨ କମ୍ପାନୀ ସି ଏ ପି ଏଫ୍, ୧୯୫୪ ରାଜ୍ୟ ସଶସ୍ତ୍ର ପୋଲିସ ବାହିନୀ ମୁତୟନ କରାଯିବା ସହ ୪ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ୮ ଜଣ ଡି ଏସ୍ ପି ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ଅଛନ୍ତି।୬୦ ପ୍ରତିଶତ ବୁଥ, ବା ୬୨୮ଟି ବୁଥରେ ୱେବ କାଷ୍ଟିଂଓ ୫୨ ଟି ବୁଥ୍ ରେ ଭିଡିଓଗ୍ରାଫି ବ୍ୟବସ୍ଥା କରାଯାଇଛି। ଏ ମ୍ ଏଫ୍ ଆଧାରରେ ପ୍ରତ୍ୟେକ ବୁଥରେ ୨ଟି ଡୋର, ଶୌଚାଳୟ, ପାନୀୟଜଳ, ଭିନ୍ନକ୍ଷମ ଭୋଟରଙ୍କ ନିମନ୍ତେ ହୁଇଲଚେୟାର ଓ ରାମ୍ପ ବ୍ୟବସ୍ଥା, ବୁଥରେ ବିଦ୍ୟୁତିକରଣ, ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ସେଡ, ବି ଏଲ ଓ ହେଲ୍ପ ଡେସ୍କ ଓ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଆମ୍ବୁଲାନ୍ସ, ଫାଷ୍ଟଏଡ୍ ଆଦିର ବ୍ୟବସ୍ଥା କରାଯାଇଛି।୮୫ ବର୍ଷ ରୁ ଅଧିକ ଅସୁସ୍ଥ ଓ ଶଯ୍ୟାଶାୟୀ ତଥା ଭିନ୍ନକ୍ଷମ ଭୋଟର ମାନଙ୍କ ନିମନ୍ତେ ହୋମ ଭୋଟିଂ ର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ୫୭୧ ଜଣ ଭୋଟ ଦେଇଛନ୍ତି। ସେହିପରି ଜିଲ୍ଲାରେ ୮୬୧୨ ଜଣ ପୋଷ୍ଟାଲ ବାଲାଟ ଜରିଆରେ ମତଦାନ କରିଛନ୍ତି। ଏସ ଭି ଏମ ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସରରେ ଆୟୋଜିତ ବିତରଣ କେନ୍ଦ୍ର ରୁ୧୦୧ ପାରାଦୀପ ଓ ୧୦୩- ବାଲିକୁଦା ଏରସମା ବିଧାନସଭା କ୍ଷେତ୍ର ନିମନ୍ତେ ବିତରଣ କେନ୍ଦ୍ର (ଡିସ୍ପର୍ସାଲ) ମେ ୩୦ ଧାର୍ଯ୍ୟ କରାଯାଇଥିବା ବେଳେ ୧୦୨- ତିର୍ତ୍ତୋଲ ଓ ୧୦୪- ଜଗତସିଂପୁର ବିଧାନସଭା କ୍ଷେତ୍ର ନିମନ୍ତେ ମେ ୩୧ ତାରିଖ ଧାର୍ଯ୍ୟ କରାଯାଇଛି। ପୋଲିଂ ଅଧିକାରୀଙ୍କ ସୁବିଧା ନିମନ୍ତେ ସମସ୍ତ ପୋଲିଂ ଅଧିକାରୀଙ୍କୁ ୱେଲ୍ଲନେସ କିଟ୍, ମେଡ଼ିକାଲ କିଟ୍ ଆଦି ଯୋଗାଇ ଦିଆଯିବା ସହ କେନ୍ଦ୍ର ନିକଟରେ ଥଣ୍ଡା ପାନୀୟ, ଚା ଜଳଖିଆ ଦୋକାନ ଆଦି ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯାଇଛି।

ଏତଦବ୍ୟତୀତ ମତଦାନ ଦିନଟିକୁ ସହଜ ସୁଗମ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ କିଛି ନିୟମାବଳୀ ଜାରି କରିଛନ୍ତି। ମତଦାନ ଦିନ ମତଦାତା ମାନେ ବୁଥ୍ କୁ ୧୩ ଗୋଟି ଅନୁମୋଦିତ ଦସ୍ତାବିଜ୍ ମଧ୍ୟରୁ ଯେ କୌଣସି ଗୋଟିଏ ନେଇ ଆସିବା ବାଧ୍ୟତାମୂଳକ। ସେଗୁଡିକ ହେଲା ଭୋଟର ପରିଚୟ ପତ୍ର, ଆଧାରକାର୍ଡ, ପାନ୍ କାର୍ଡ, ଦିବ୍ୟାଙ୍ଗ ପରିଚୟ ପତ୍ର, ଫଟୋ ସଂଲଗ୍ନ ଥିବା ଚାକିରି କ୍ଷେତ୍ରର ପରିଚୟ, ଫଟୋ ସଂଲଗ୍ନ ଥିବା ବ୍ୟାଙ୍କ୍ ବା ପୋଷ୍ଟ ଅଫିସର ପାସ୍ ବୁକ୍, ଶ୍ରମ ମନ୍ତ୍ରଣାଳୟ ଯୋଜନା ଅଧୀନରେ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସପୋର୍ଟ, ପ୍ରଦତ୍ତ ସ୍ମାର୍ଟକାର୍ଡ, ଫଟୋ ସଂଲଗ୍ନ ପେନସନ ବହି/ଦସ୍ତାବିଜ୍, ସାଂସଦ, ବିଧାୟକ, ବିଧାନସଭା ପରିଷଦର ସଦସ୍ୟଙ୍କୁ ଦିଆଯାଇଥିବା ସରକାରୀ ପରିଚୟ ପତ୍ର, ଜବ୍ କାର୍ଡ। ଏଥିମଧ୍ୟରୁ ଯେ କୌଣସି ଗୋଟିଏ ପରିଚୟ ପତ୍ର ଦର୍ଶାଇ ମତଦାତା ନିଜର ପରିଚୟ ସାବ୍ୟସ୍ତ କରିପାରିବେ। ମତଦାତାମାନେ ମତଦାନ କେନ୍ଦ୍ରକୁ ମୋବାଇଲ, କ୍ୟାମେରା, ହେଡଫୋନ, ଏବଂ ସ୍ମାର୍ଟୱାଚ ଭଳି ବୈଦ୍ୟୁତିକ ଉପକରଣ ନେବାକୁ ବାରଣ କରାଯାଇଛି। ମତଦାନ କେନ୍ଦ୍ର ଭିତରେ ଫଟୋ କିମ୍ବା ଭିଡ଼ିଓ ଉତ୍ତୋଳନକୁ ମଧ ବାରଣ କରାଯାଇଛି। ଏହାଛଡା ସମସ୍ତ ପ୍ରାର୍ଥୀ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ପୋଲିଂ ଏଜେଣ୍ଟ ନିଯୁକ୍ତି ସହ ସେମାନଙ୍କୁ ମତଦାନ ଦିନ ସକାଳ ୫.୩୦ ମିନିଟ ସୁଦ୍ଧା ମତଦାନ କେନ୍ଦ୍ରରେ ପହଞ୍ଚି ମକପୋଲରେ ଉପସ୍ଥିତ ରହିବାକୁ ଜଣାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**୪ ନିର୍ବାଚନ ମଣ୍ଡଳୀ ନିମନ୍ତେ ୮୫୪ଟି ସ୍ଥାନରେ ୧୦୫୧ଟି ବୁଥ ପ୍ରସ୍ତୁତ**

**ସୁରକ୍ଷା ଦୃଷ୍ଟିରୁ ୧୬ଟି କ୍ରିଟିକାଲ ଓ ୩୩ଟି ଭଲନରେବଲ ବୁଥ୍ ଚିହ୍ନଟ**

**ମତଦାନ କେନ୍ଦ୍ରରେ ୧୨ କମ୍ପାନୀ ସିଏପିଏଫ୍ ଓ ୧୯୫୪ ସଶସ୍ତ୍ର ପୁଲିସ ବାହିନୀ ମୁତୟନ**

**୬୨୮ଟି ବୁଥରେ ୱେବ କାଷ୍ଟିଂ ଓ ୫୨ଟି ବୁଥ୍‌ରେ ଭିଡିଓଗ୍ରାଫି ବ୍ୟବସ୍ଥା**

# ବିଜେଡିର କର୍ମୀ ସମାବେଶ



**ତିର୍ତ୍ତୋଲ, ୩୦।୫(ସମିସ):** ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନ ତରଜଙ୍ଗା ପଞ୍ଚାୟତର ହାଜିପୁର ଗ୍ରାମରେ ସ୍ଥାନୀୟ ସରପଞ୍ଚ ରୀତାଞ୍ଜଳି ମଲ୍ଲିକଙ୍କ ଅଧକ୍ଷତାରେ ବିଜେଡିର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟବେକ୍ଷକ ଦୁର୍ଗା ସାମନ୍ତରାୟ, ପ୍ରମୋଦ ଚୌଧୁରୀ, ଆଶିଷ ଚୌଧୁରୀ ପ୍ରମୁଖ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ବକ୍ତବ୍ୟ ରଖି ଉଭୟ ସାଂସଦ ପ୍ରାର୍ଥୀ ଡା. ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ଡ.ଭୋଇଙ୍କୁ ବହୁ ଭୋଟରେ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ବିରଞ୍ଚି ନାରାୟଣ ମଲ୍ଲିକ, ପ୍ରଦୀପ୍ତ ନାୟକ, ବିଜୟ ନାୟକ, ଯୁଧିଷ୍ଠିର ଭୋଇ, ଅଶୋକ ଦାସ, ବିଜୟ ଭୋଇ, ପ୍ରଦୀପ୍ତ ଦାସ, କ୍ଷୀରୋଦ ସାହୁ, ଦ୍ୱିଜବର ଦାସଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ସଅଁରା ପଞ୍ଚାୟତରେ ଅନୁଷ୍ଠିତ ବିଜେଡିର ଏକ କର୍ମୀ ସମାବେଶ ସ୍ଥାନୀୟ ସରପଞ୍ଚ ବିକ୍ରମ ସ୍ୱାଇଁ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ଆସିନ କରିବା ପାଇଁ ଉଭୟ ସାଂସଦ ପ୍ରାର୍ଥୀ ଡ.ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ଡ.ରମାକାନ୍ତ ଭୋଇଙ୍କୁ ବହୁ ଭୋଟରେ ଜୟଯୁକ୍ତ କରିବା ପାଇଁ କର୍ମୀଙ୍କୁ ନିବେଦନ କରିଥିଲେ। ସୁଦର୍ଶନ ବାରିକ, ସଂଗ୍ରାମ ସିଂ, ଅଚ୍ୟୁତାନନ୍ଦ ଦାସ, ପ୍ରଶାନ୍ତ ଜେନା, ପ୍ରଶାନ୍ତ ସ୍ୱାଇଁ, ଶରତ ବଲ୍ଲଭ ଦାଶ, ମହେନ୍ଦ୍ର ଚାନ୍ଦଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ମାଟ୍ରିକ ଉତ୍କର୍ଷ ସମ୍ମାନ ପ୍ରଦାନ ଉତ୍ସବ

**ଜଗତସିଂହପୁର, ୩୦।୫(ସମିସ):** ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ମାଟ୍ରିକ ଉତ୍କର୍ଷର୍ ସମ୍ମାନ -୨୦୨୪ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ଜିଲ୍ଲାରୁ ଦୁଇଜଣ ଜିଲ୍ଲା ଟପର ସହିତ ୮ଟି ବ୍ଲକରେ ପ୍ରଥମ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ମାଟ୍ରିକ ଉତ୍କର୍ଷ ସମ୍ମାନରେ ସମ୍ମାନୀତ କରାଯାଇଥିଲା।



ଜିଲ୍ଲାର ଜଗତସିଂହପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସୋନାଲିକା ତ୍ରିପାଠୀ ଏବଂ ରଘୁନାଥପୁର ବ୍ଲକ ନରେନ୍ଦ୍ର ବିଦ୍ୟାମନ୍ଦିର ବରାଗୋଳର ସ୍ୱୀକୃତି ମୁଦୁଲି ୫୫୨ ନମ୍ବର ରଖି ଜିଲ୍ଲାରେ ଯୁଗ୍ମ ଭାବରେ ପ୍ରଥମ ହୋଇଥିବାରୁ ସେମାନଙ୍କୁ ସମ୍ମାନୀତ କରାଯାଇଥିଲା। ସେହିପରି ବାଲିକୁଦାର ସରକାରୀ ହାଇସ୍କୁଲ ଓଟିନ୍ଦାର ଆସିୟା ଖାତୁନ ୫୪୯ ରଖି ବାଲିକୁଦା ବ୍ଲକ ଟପ୍ପର. ନାଉଗାଁ ଅଲଣାହାଟ ହାଇସ୍କୁଲର ଦିବ୍ୟଲକ୍ଷ୍ମୀ ସାହୁ ୫୪୯ ନମ୍ବର ରଖି ନାଉଗାଁ ବ୍ଲକ ଟପ୍ପର, ତିର୍ତ୍ତୋଲ ସରକାରୀ ହାଇସ୍କୁଲ ସଅଁରାର ଏମ ଆର୍ଯ୍ୟା ଅନନ୍ୟା ୫୪୮ ନମ୍ବର ରଖି ବ୍ଲକ ଟପ୍ପର, କୁଜଙ୍ଗର ପଞ୍ଚାୟତ ହାଇସ୍କୁଲ ମଙ୍ଗରାଜପୁରର ବିଶ୍ୱଜିତ ପୃଷ୍ଟି ୫୪୬ ନମ୍ବର ରଖି ବ୍ଲକ ଟପ୍ପର, ବିରିଡି ବ୍ଲକ କାଳିଆବୁଦା ବିଦ୍ୟା ନିକେତନର ଆଦିତ୍ୟ ମହାରଣା ୫୪୫ ନମ୍ବର ରଖି ବ୍ଲକ ଟପ୍ପର, ଏରସମାର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିତୁଠର ରିତିକା ପ୍ରିୟଦର୍ଶିନୀ ମହାନ୍ତି ୫୪୪ ମାର୍କ ରଖି ବ୍ଲକ ଟପ୍ପର ହୋଇଥିବାରୁ ଏହି ଅବସରରେ ସେମାନଙ୍କୁ ସମ୍ମାନୀତ କରାଯାଇଥିଲା।

ସେହିପରି ଜଗତସିଂହପୁରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡବଜାରକୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ମିଳିଥିବା ବେଳେ ଏହି ବିଦ୍ୟାଳୟର ଏ-୧ ରେ ୫ଜଣ, ଏ-୨ରେ ୩୨ ଜଣ, ବି-୧ରେ ୨୪ ଜଣ, ଓ ବି-୨ରେ ୨୮ ଜଣ ପାସ କରିଥିବାରୁ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଶଶି ଭୂଷଣ ଦାଶଙ୍କୁ ମଧ ସମ୍ମାନୀତ କରାଯାଇଥିଲା।

# ବିଜେଡି ପ୍ରଚାରରେ ବନ୍ଦର ସହର ସମେତ ୩୬ ପଞ୍ଚାୟତ ଦୁଲୁକିଲା

ପାରାଦୀପ, ୩୦।୫ (ସମିସ)





ଆଜି ଥିଲା ପ୍ରଚାରର ଶେଷ ଦିନ। ଏନେଇ ବିଜୁ ଜନତା ଦଳ ପକ୍ଷରୁ ବନ୍ଦର ସହର ପ୍ରକମ୍ପିତ ହେବା ସହ ସବୁଆଡେ ଶଙ୍ଖମୟ ହୋଇଯାଇଥିଲା।ଶଙ୍ଖ ଧ୍ୱନୀରେ ସବୁଆଡେ ଦୁଲୁକିଥିଲା।ପୌରାଞ୍ଚଳ ର ୧୯ ଟି ୱାର୍ଡ ରେ ବିଜେଡି କର୍ମୀମାନେ ଶେଷ ଦିନରେ ଘରକୁ ଘର ବୁଲି ଗୀତାଞ୍ଜଳିଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।ସେହିପରି ଅପରାହ୍ନରେ ପୋତା ନଈ ଓ ଗରେଇ ପଞ୍ଚାୟତରେ ଏକ ବିଶାଳ ବାଇକ ରାଲିର ଆୟୋଜନ କରାଯାଇଥିଲା।ସେହି ରାଲିରେ ଗୀତାଞ୍ଜଳିଙ୍କ ସହିତ ନାରିନେତ୍ରୀ ସବିତା ମହାପାତ୍ର ଓ ସହ ସହ ସଂଖ୍ୟାରେ ମହିଳା ଅଂଶ ଗ୍ରହଣ କରିଥିଲେ ପ୍ରଥମେ ଦୁଇ ପଞ୍ଚାୟତ ଶୋଭାଯାତ୍ରାରେ ବୁଲିବା ପରେ ଅପରାହ୍ନରେ ଗରେଇ ମହାଦେବ ଓ ହନୁମାନ ମନ୍ଦିରରେ ପ୍ରଚାର ଶେଷ ହୋଇଥିଲା।ସେହିପରି ବିଶ୍ୱାଳି ପଞ୍ଚାୟତରେ ପଞ୍ଚାୟତ ପକ୍ଷରୁ ସତ୍ୟଭାମା ସାମଲ, ନାଏବ ସରପଞ୍ଚ ନିତ୍ୟାନନ୍ଦ ପରିଡ଼ା, କୁଜଙ୍ଗ ବ୍ଲକ ବିଜେଡି ଉପ ସଭାପତି ରାଜକିଶୋର ପତି, ଜିଲ୍ଲା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ପରିଡ଼ା ଓ ସମାଜସେବୀ ଟୁକୁନା ପତି ପ୍ରମୁଖ ଉପସ୍ଥିତ ରହି ୧ ହଜାରରୁ ଅଧିକ ବାଇକ ଶୋଭାଯାତ୍ରାକାରୀଙ୍କୁ ନେଇ ରାଲି ର ଆୟୋଜନ କରିଥିଲେ।ତେବେ ପାରାଦୀପ ନିର୍ବାଚନ ମଣ୍ଡଳୀ ର ଏଥର ବିଜୁ ଜନତା ଦଳକୁ ଆଶାତୀତ ସଫଳତା ନିଶ୍ଚୟ ମିଳିବ।ବହୁ ଭୋଟ ବ୍ୟବଧାନରେ ବିଜୁ ଜନତା ଦଳ ବାଜିମାତ କରିବ। ଭୋଟରମାନେ ଗୀତାଞ୍ଜଳି ରାଉତରାୟଙ୍କୁ ବିପୁଳ ସମର୍ଥନ ଦେଇ ବିଧାୟକ କରିବା ସହିତ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଗାଦୀ ଅଳଙ୍କୃତ କରିବେ।ଏଭଳି ପ୍ରତିଶ୍ରୁତି ତଥା ସ୍ଲୋଗାନ କୁ ନେଇ ବନ୍ଦର ସହରରେ ଥିବା ୧୯ ଟି ୱାର୍ଡ ସମେତ ୩୬ ଗ୍ରାମ ପଞ୍ଚାୟତର ବିଜୁ ଜନତା ଦଳର ନେତା ଓ କର୍ମୀ ପ୍ରଚାରର ଶେଷ ଦିନରେ ଗୋଟିଏ ସ୍ୱରରେ ସବୁଆଡେ ବାଇକ ରାଲି, ରୋଡ ଶୋ ଓ କର୍ମୀ ସମାବେଶ କରି ଘୋଷଣା କରିଥିଲେ। ବିଜେଡିର ଏହି ଐତିହାସିକ ବିଜୟ ଲକ୍ଷ୍ୟରେ ସଂକଳ୍ପ ନେଇଛନ୍ତି ପାରାଦୀପ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ନେତା। ସମସ୍ତେ ସଙ୍ଗଠିତ ହୋଇ ଗୀତାଞ୍ଜଳିଙ୍କ ସପକ୍ଷରେ ଲଢେଇ ଜୋରଦାର କରିବା ସହିତ ପ୍ରଚାରକୁ ଆଗେଇ ନେଇଛନ୍ତି।ଦିନ ରାତି ଏକାକାର କରି ପ୍ରତି ୱାର୍ଡ ବୁଲି ବିଜେଡି ସଙ୍ଗଠନକୁ ମଜବୁତ କରିଛନ୍ତି କର୍ମୀ। ପୌରାଞ୍ଚଳ ଛାଡି ଦେଲେ ବାକି କୁଜଙ୍ଗ ଓ ତିର୍ତ୍ତୋଲ ବ୍ଲକର ୩୬ ଟି ପଞ୍ଚାୟତର ସ୍ଥିତିକୁ ନିଜ ଉଦ୍ୟମରେ ସମ୍ବିତ ରାଉତରାୟ ସୁଧାରି ଆଣିଛନ୍ତି। ଦାମ ବାବୁଙ୍କ ଗଡ଼ କୁହାଯାଉଥିବା କୁଜଙ୍ଗକୁ ସମ୍ବିତ କେବେ ହାତ ଛଡା ନ କରିବା ପାଇଁ ଚେଷ୍ଟା ମଧ୍ୟ ଜାରି ରଖିଛନ୍ତି। ସ୍ୱର୍ଗତ ଦାମ ବାବୁ କୁଜଙ୍ଗ ଅଞ୍ଚଳରେ ରାଜନୀତିକୁ ଆଣିଥିବା ବହୁ ବିଜେଡି ନେତା ଏବେ ସମ୍ବିତଙ୍କ ସାଙ୍ଗରେ ରହି ଗୀତାଞ୍ଜଳିଙ୍କ ପାଇଁ ଅଣ୍ଟା ଭିଡିଛନ୍ତି।



# ବିଜେଡିର ବାଇକ୍ ଶୋଭାଯାତ୍ରା

**ବାଲିକୁଦା, ୩୦।୫(ସମିସ):** ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ବିଜେଡିର ବିଧାୟକ ପ୍ରାର୍ଥୀସାରଦା ପ୍ରସନ୍ନ ଜେନା ଆଜି ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବାଇକ ଶୋଭାଯାତ୍ରା କରି ଭୋଟ ଭିକ୍ଷା କରିଥିଲେ।ଏହି କାର୍ଯ୍ୟକ୍ରମରେ ସାରଦାଙ୍କ ସହ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ରୁନିଲତା ବେହେରା, ଜଟାଧାରୀ ଦାସ ପ୍ରମୁଖ ସାମିଲ ହୋଇ ବିଜେଡିର ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।ଏହି ଅବସରରେ କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ପରିଚିତ ମାଛଗାଁ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସଞ୍ଜୟ ପାଳ ଓ ବିଜେପିର ଜିଲ୍ଲା ଏସି ମୋର୍ଚ୍ଚା ସଭାପତି ତଥା ବୋରିକିନା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ହରେକୃଷ୍ଣ ମଲ୍ଲିକ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ।ଏହି କାର୍ଯ୍ୟକ୍ରମରେ ମାଛଗାଁ ସରପଞ୍ଚ ସଞ୍ଜୟ ସ୍ୱାଇଁ, ପୂର୍ବତନ ସରପଞ୍ଚ ପର୍ଶୁରାମ ସେଠୀ ଶୁଭେନ୍ଦୁ ଶେଖର ଦାଶ, ବିଶ୍ୱ ରଞ୍ଜନ ନାୟକ, କୃଷ୍ଣଚନ୍ଦ୍ର ନନ୍ଦ, ଲକ୍ଷ୍ମୀଧର ସ୍ୱାଇଁ, ପ୍ରଦୀପ୍ତ ମୁଦୁଲି, କାର୍ତ୍ତିକ ଜେନା, ପ୍ରଭାତ ନାୟକଙ୍କ ଶତାଧିକ ବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ।



# ମୂଳିସିଂ ପଞ୍ଚାୟତରେ ରମାକାନ୍ତଙ୍କ ରୋଡ୍ ଶୋ'

**ତିର୍ତ୍ତୋଲ, ୩୦।୫(ସମିସ):** ଜୁନ ୧ରେ ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଆଜି ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହୋଇଛି। ବିଜେଡି ବିଧାୟକ ପ୍ରାର୍ଥୀ ଡ. ରମାକାନ୍ତ ଭୋଇ ନିର୍ବାଚନମଣ୍ଡଳୀର ଅନ୍ୟାନ୍ୟ ପଞ୍ଚାୟତ ସହ ତିର୍ତ୍ତୋଲ ବ୍ଲକର ମୂଳିସିଂ ପଞ୍ଚାୟତର ବିଭିନ୍ନ ଗ୍ରାମରେ ରୋଡ ଶୋ ଜରିଆରେ ଜୋରଦାର ପ୍ରଚାର କରିଥିଲେ। ଶ୍ରୀକାନ୍ତ ବେହେରା ଓ ପୂର୍ବତନ ସରପଞ୍ଚ ରମେଶ ଦାସ, ଜିଲ୍ଲା ପରିଷଦ ସଭ୍ୟ ସୁନୀଲ ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ। ପଞ୍ଚାୟତରେ ଡ.ରମାକାନ୍ତଙ୍କ ପ୍ରତି ପ୍ରବଳ ଜନସମର୍ଥନ ପରିଲକ୍ଷିତ ହୋଇଥିଲା।



କନ୍ଦାଉଛି ବିଜୁଳି ନିର୍ଯାତନା

# ଜଳୁଛି ତାଳଚେର; ଦହଗଞ୍ଜ ଜନଜୀବନ

**ତାଳଚେର, ୩୦।୫(ସମିସ):**



ଓଡ଼ିଶାର ଉତପ୍ତ ସହରଭାବେ ତାଳଚେର ପରିଣତ ହୋଇଥିବା ବେଳେ ଆଜକୁ ପ୍ରାୟ ୪ଦିନ ହେବ ପାରଦ ତଳକୁ ଖସୁନି । 'ରେମାଲ' ବାତ୍ୟାଜନିତ ଗୋଟାଏ ଦିନ ପାଗ କୋହଲା ରହିଥିବା ହେତୁ ଖରା ପ୍ରକୋପ ଏତେଟା ଜଣାପଡୁ ନଥିଲା। କିନ୍ତୁ ତା'ପରଦିନ ଠାରୁ ଖରାର ପ୍ରଭାବ ବଢ଼ି ତାପମାତ୍ରା ୪୪ରୁ ୪୬ ଡ଼ିଗ୍ରୀ ରହୁଛି। ବିଭିନ୍ନ କାର୍ଯ୍ୟରେ ବାହାରକୁ ଯାଉଥିବା ଲୋକ ଓ ପଥଚାରୀମାନେ ନାକେଦମ ହେଉଛନ୍ତି। ତାତି ସହ ବିଜୁଳି ବିଭ୍ରାଟ ଲୋକଙ୍କୁ ଅତିଷ୍ଠ କରିପକାଉଛି। ସକାଳ ୮ଘଟିକା ଠାରୁ ଅପରାହ୍ଣ ୫ଘଟିକା ପର୍ଯ୍ୟନ୍ତ ଘରୁ ପଦାକୁ ଗୋଡ଼ କାଢ଼ି ହେଉନି। ପ୍ରାୟ ୩ରୁ ୪ଦିନ ହେବ ତାତି ବଢ଼ିବା ସହ ସର୍ବାଧିକ ଗୁଳୁଗୁଳି ଓ ଅସହ୍ୟ ଗମର ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ତାଳଚେର ଯେବେଠାରୁ କୋଇଲାନଗରୀ ଭାବେ ପରିଚିତ ହେଲା, ଖଣିଖାଦାନ ଯୋଗୁଁ ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ ଖରାର ପ୍ରକୋପ ଧୀରେ ଧୀରେ ବଢ଼ିବାକୁ ଲାଗିଲା। ଖରା ପ୍ରକୋପରୁ ସର୍ବସାଧାରଣ ରକ୍ଷା ପାଇବାକୁ କୌଣସି ବିକଳ୍ପ ନଥିବାରୁ ଲୋକେ ଦହଗଞ୍ଜ ହେଉଥିବା ଦେଖିବାକୁ ମିଳିଛି। ବିଜୁଳି କଟିଗଲେ ଘରେ ଓ ବାହାରେ ରହିବା ମୁସ୍କିଲ ହୋଇପଡୁଛି। ଅଘୋଷିତ ବିଦ୍ୟୁତ୍ କାଟ୍ ବିଭ୍ରାଟ ଯୋଗୁଁ ଉପଭୋକ୍ତା ଘାଣ୍ଟି ହେଉଛନ୍ତି। ଟିପିସିଓଡ଼ିଏଲ ବିଦ୍ୟୁତ୍ ଯୋଗାଇବା ଦାୟିତ୍ୱ ନେବା ଦିନଠାରୁ ବିଦ୍ୟୁତ୍ ସେବା ଚରମ ଅବ୍ୟବସ୍ଥା ଦେଇ ଗତି କରୁଛି। ବିନା କୌଣସି ସୂଚନାରେ ମନମୁଖୀ ବିଦ୍ୟୁତ୍ କାଟ୍ ହେଉଛି। ସେହିପରି ଅନେକ ସମୟରେ ଲୋ ଭୋଲଟେଜ୍ ଯୋଗୁଁ ସମସ୍ୟା ଘାରୁଛି। ମରାମତି ନାଁରେ ନିୟମିତ ବିଦ୍ୟୁତ୍ କାଟ୍ କରାଯାଉଛି ଏବଂ ଲୋ-ଭୋଲଟେଜ୍ ସମସ୍ୟା ପିଛା ଛାଡୁନି। ଉପଭୋକ୍ତାଙ୍କ ଅଭିଯୋଗ ମୁତାବକ ଚଳିତବର୍ଷ ବିଦ୍ୟୁତ୍ ବିଭ୍ରାଟ ସବୁ ସୀମା ଟପି ଯାଇଛି। ସାମାନ୍ୟ ବର୍ଷା ଉଠାଇଲେ ବିଦ୍ୟୁତ୍ କାଟି ଦିଆଯାଉଛି। ସହରରେ ଦିନ ଓ ରାତିରେ ଏକାଧିକ ବାର ବିଦ୍ୟୁତ୍ କାଟ୍ ଯୋଗୁଁ ଲୋକେ ଗୁଳୁଗୁଳି ଓ ଗରମରେ ସନ୍ତୁଳି ହେଉଛନ୍ତି।

## ଅସହ୍ୟ ଗୁଳୁଗୁଳିକୁ ଅଘୋଷିତ ବିଦ୍ୟୁତ କାଟ୍

■ ବିଦ୍ୟୁତ୍ କମ୍ପାନୀର ମନମାନିକୁ ବିରୋଧ

**କଣିହାଁ ୩୦।୫(ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ଉପଖଣ୍ଡସ୍ଥ କଣିହାଁ ବ୍ଲକ ଅଞ୍ଚଳରେ ଗୁରୁବାର ୪୫ ଡିଗ୍ରିରୁ ଊର୍ଦ୍ଧ୍ୱ ତାପମାତ୍ରା ଯୋଗୁଁ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗିଛନ୍ତି। ଅସହ୍ୟ ଗୁଳୁଗୁଳି ସହ ଅଘୋଷିତ ବିଦ୍ୟୁତକାଟ ଲୋକଙ୍କୁ ଅତିଷ୍ଠ କରିପକାଇଛି । ଆଜି ସକାଳୁ ବିଦ୍ୟୁତ ବିଭାଗ ପକ୍ଷରୁ ଅଘୋଷିତ ଭାବେ ବାରମ୍ବାର ବିଦ୍ୟୁତ କାଟ୍ ହୋଇଛି। ବିଭାଗୀୟ ଅଧିକାରୀ କୌଣସି ସୂଚନା ନଦେଇ ଏଭଳି ବିଦ୍ୟୁତ କାଟ କରିବା ଯୋଗୁ ଲୋକଙ୍କ ମନରେ କୋକୁଆ ଭୟ ଦେଖାଦେଇଛି । କଣିହାଁ ଅଞ୍ଚଳରେ ଖଣି ଶିଳ୍ପ ବୃଦ୍ଧି ହୋଇଥିବା ବେଳେ ଜଙ୍ଗଲ କ୍ଷୟ ହେଉଛି । ଫଳରେ ଜନସାଧାରଣ ସୁସ୍ଥ ବାତାବରଣରୁ ବଞ୍ଚିତ ରହୁଛନ୍ତି । ବିଦ୍ୟୁତ ବିଭାଗର ଏପରି ମନମାନୀ କାର୍ଯ୍ୟକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ବିଦ୍ୟୁତ ବିଭାଗକୁ ଟାଟା କମ୍ପାନୀ ନେବା ପରେ ବିଦ୍ୟୁତ ସେବାରେ ସୁଧାର ଆସିବା ବଦଳରେ ଅବସ୍ଥା ଶୋଚନୀୟ ହେବାରେ ଲାଗିଛି । ଏଭଳି ଅଘୋଷିତ ବିଦ୍ୟୁତ କାଟ ବାରମ୍ବାର ହେଲେ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

## ଏନ୍‌ଟିପିସି ତାଳଚେର ଥର୍ମାଲ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ

**ତାଳଚେର, ୩୦।୫(ସମିସ):** ତାଳଚେର ଥର୍ମାଲ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରାଚୀନ ଲୋକନୃତ୍ୟ ସଂଘର କଳାକାରମାନଙ୍କ ଦ୍ୱାରା ଡିଏଭି ସ୍କୁଲ ଓ ବନ୍ତୋଲ ପଞ୍ଚାୟତ ସମ୍ମୁଖରେ ଥିବା ମୁଣ୍ଡା ବସ୍ତିଠାରେ ଲୋକନୃତ୍ୟ ମାଧ୍ୟମରେ ସ୍ୱଚ୍ଛତାକୁ ନେଇ ପଥପ୍ରାନ୍ତ ନାଟକ ଜରିଆରେ ସଚେତନତା କରାଯାଇଥିଲା। କାରଖାନାର ଏଚ୍ଆର୍ ଅଧିକାରୀ ଶିଭମ୍ ଗୁପ୍ତା ଓ ଡିଏଭିର ପ୍ରଧାନଶିକ୍ଷକଙ୍କ ସମେତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

## ଖଣିରେ ବ୍ଲାଷ୍ଟିଂ ଯୋଗୁଁ ଥରୁଛି ରଘୁନାଥପୁର ଗ୍ରାମ



**ତାଳଚେର,୩୦।୫(ସମିସ):** ଏମସିଏଲ ଭୁବନେଶ୍ୱରୀ ଏବଂ ଅନନ୍ତ ଖୋଲାମୁହାଁ ଖଣି ପ୍ରକଳ୍ପରେ ହେଉଥିବା ଲଗାତାର ବ୍ଲାଷ୍ଟିଂ ଯୋଗୁଁ ନିକଟରେ ଥିବା ତାଳଚେର ବ୍ଲକ ବ୍ରଜନାଥପୁର ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗ୍ରାମ ବ୍ୟାପକ ପରିମାଣରେ କ୍ଷତିଗ୍ରସ୍ତ ହେଉଛି ବୋଲି ଅଭିଯୋଗ ହେଉଛି। ଉକ୍ତ ଦୁଇ ପ୍ରକଳ୍ପଠାରୁ ଗ୍ରାମ ମାତ୍ର ୪ଶହରୁ ୬ଶହ ମିଟର ଦୂରତ୍ୱରେ ରହିଥିବା ହେତୁ ଖଣିରେ ଦୈନନ୍ଦିନ ହେଉଥିବା ବ୍ଲାଷ୍ଟିଂ ଯୋଗୁଁ ଗ୍ରାମର ଅନେକ ଘର ଭାଙ୍ଗିରୁଜି ଯାଇଛି। ଏନେଇ ଏମସିଏଲ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

● ବିହିତ ପଦକ୍ଷେପ ନେବାକୁ ଦାବି

ଏଥିସହ ଗ୍ରାମରେ ଜଳ ସମସ୍ୟାର ସମାଧାନ ହେଉ ନଥିବା ବେଳେ ଜଳ, ବାୟୁ ଏବଂ ପରିବେଶ ପ୍ରଦୂଷଣ ମାତ୍ରା ବଢ଼ିଚାଲିଛି। ତେବେ ରଘୁନାଥପୁର ଗ୍ରାମକୁ ସମ୍ପୂର୍ଣ୍ଣ ଭାବେ ଅଧିଗ୍ରହଣ କରା ନଯିବାରୁ ଗ୍ରାମବାସୀଙ୍କୁ ଏମସିଏଲ ପକ୍ଷରୁ କ୍ଷତିପୂରଣ ମିଳିପାରୁନାହିଁ। ଆରପିଡିଏସି ସମେତ ବିଭିନ୍ନ ବୈଠକରେ ଏନେଇ ବିଷଦ ଆଲୋଚନା ହୋଇଥିଲା ବେଳେ ଏମସିଏଲ ସିଏମଡି, ଡିଟି ପ୍ରମୁଖ ଏନେଇ ପ୍ରତିଶ୍ରୁତି ଦେଇଥିବା ବେଳେ ଗ୍ରାମବାସୀଙ୍କୁ କୌଣସି ସୁଫଳ ମିଳିପାରିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏନେଇ ଏମସିଏଲ ପକ୍ଷରୁ ପ୍ରଶାସନ ଉପସ୍ଥିତିରେ ଖୁବ୍ ଶୀଘ୍ର ଏକ ବୈଠକ ଡକାଯାଇ ସମସ୍ତ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଉ ବୋଲି ଦାବି କରାଯାଇଛି।

## ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ, ୩୦।୫(ସମିସ):** ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଢେଙ୍କାନାଳ ଜିଲ୍ଲାର ମଙ୍ଗଳପୁର ସ୍ଥିତ ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ରାଜ୍ୟର ଶ୍ରେଷ୍ଠ ୨୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଇ-ଟେକ୍ର ୧୩ଜଣ ଛାତ୍ରଛାତ୍ରୀ ସ୍ଥାନ ପାଇବା ଢେଙ୍କାନାଳ ଜିଲ୍ଲା ପାଇଁ ଏକ ବିରଳ କୃତିତ୍ୱ ସୃଷ୍ଟି କରିଛି। ଏହି ୧୩ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚତୁର୍ଥ ସ୍ଥାନରେ ଉପନ୍ନା ଶତରୁପା ୫୬୬ ମାର୍କ, ପଞ୍ଚମ ସ୍ଥାନରେ ମୋନାଲିସା ସାହୁ ୫୬୩, ସପ୍ତମ ସ୍ଥାନରେ ନତାଶା ସାହୁ ୫୬୦, ନବମ ସ୍ଥାନରେ ଅଜୟ ପ୍ରଧାନ ୫୫୮, ଦଶମ ସ୍ଥାନରେ ସ୍ୱାଧୀନ କର ୫୫୭, ୧୩ତମ ସ୍ଥାନରେ ସିଦ୍ଧେଶ୍ୱର ସାହୁ ୫୫୫ ଓ ଶୁଭାଶିଷ ସାହୁ ୫୫୫, ୧୫ତମ ସ୍ଥାନରେ ବିଜୟ ପ୍ରଧାନ ୫୫୩, ୧୬ତମ ସ୍ଥାନରେ ଆକାଶ ଦେହୁରୀ ୫୫୨ ଓ ରେଶବ କୁମାର ଦାସ ୫୫୨, ୧୭ତମ ସ୍ଥାନରେ ଆଶୁତୋଷ ବେହେରା ୫୫୧ ଓ ଅମିତ ସିଂ ୫୫୧ ମାର୍କ ହାସଲ କରି ଢେଙ୍କାନାଳର ଗୌରବକୁ ବଢ଼ାଇଛନ୍ତି। ତତସହିତ ଦେବସ୍ମିତା ବେହେରା ୫୪୬, ବିଶ୍ୱରଞ୍ଜନ ପଲେଇ ୫୪୬, ମୁକେଶ ସାମଲ ୫୪୬, ଦୀପୁନ ସାହୁ ୫୪୩ ଓ ଦେବୀ ପ୍ରସାଦ ସାହୁ ୫୪୦ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ ଓ ନଗଦ ଅର୍ଥରାଶି ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ସହିତ ସମୟ ଉପଯୋଗୀ ଶିକ୍ଷା ପ୍ରଣାଳୀ ଏବଂ ଶୃଙ୍ଖଳିତ ପରିବେଶ ହିଁ ଏହି ସଫଳତା ଆଣିଦେଇଛି। ଭବିଷ୍ୟତରେ ଛାତ୍ରଛାତ୍ରୀମାନେ ଜଣେ ଜଣେ ଉତ୍ତମ ବ୍ୟକ୍ତିଧାରୀ ମଣିଷ ହୋଇ ମାନବିକ ମୂଲ୍ୟବୋଧ ସହିତ ସମାଜର ସେବା କରିବାକୁ ଅନୁଷ୍ଠାନର ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି। ଅନୁଷ୍ଠାନର ଉପାଧ୍ୟକ୍ଷ ଅନୀଲ କୁମାର ଗୋଚ୍ଛାୟତ, ଅଧ୍ୟାପକ, ଅଧ୍ୟାପିକା, ଅନ୍ୟ କର୍ମଚାରୀ ଏବଂ ଅଭିଭାବକ ମାନେ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।




■ ଅବସର ପରେ କ୍ୱାର୍ଟର ଛାଡ଼ିବା ଘଟଣା

## ନାଲ୍‌କୋ କଲୋନୀ କର୍ମଚାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା, ବ୍ୟବସାୟୀ ଗେହ୍ଲାପୁଅ

**ଅନୁଗୋଳ,୩୦।୫(ସମିସ):** ନାଲକୋ କର୍ମଚାରୀ ଚାକିରିରୁ ଅବସର ଗ୍ରହଣ କରିବା ପରଦିନଠାରୁ କଲୋନୀ କ୍ୱାର୍ଟର ଛାଡ଼ିବାକୁ କଟକଣା ଜାରି କରାଯାଇଥାଏ। ଅସୁବିଧା ବଶତଃ ଦିନ ଗଡ଼ିଗଲେ ଦଣ୍ଡ ଗଣିବାକୁ ପଡିଥାଏ। ଫାଇନାନ୍ସ କ୍ଲିୟରାନ୍ସ ମିଳେନାହିଁ। ମାତ୍ର କଲୋନୀ ମଧ୍ୟରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ଅବଦ୍ଧି ସୀମା ପିଢ଼ି ପରେ ପିଢ଼ି ଗଡ଼ିଚାଲିଛି। ଟାଉନସିପ ଜିବନ ଶୈଳୀ ସୁରକ୍ଷିତ ରଖିବା ପାଇଁ କଲୋନୀ ପରିସରରେ ସାମୟିକ ମାର୍କେଟ କମ୍ପ୍ଲେକ୍ସ, କୋ-ଅପରେଟିଭ ମାର୍କେଟ କମ୍ପ୍ଲେକ୍ସ-୧, କୋ-ଅପରେଟିଭ ମାର୍କେଟ କମ୍ପ୍ଲେକ୍ସ-୨ ଆଦି ତିନୋଟି ମାର୍କେଟ କମ୍ପ୍ଲେକ୍ସର ପ୍ରାୟ ଶହେଟି ଦୋକାନ ଗୃହ ରହିଛି। ଆରମ୍ଭରୁ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀରେ କେଉଁଠି କି ପ୍ରକାର ପଣ୍ୟ ଦୋକାନ ରହିବ, ଆବଣ୍ଟନ ସମୟରେ ସ୍ଥିର କରାଯାଇଛି। ଦୋକାନ ଗୃହର ମାଲିକାନା ବଦଳୁ ନାହିଁ। ମାଲିକଙ୍କ ଦେହାନ୍ତ ହେଉ ଅବା ସେ ଅନ୍ୟତ୍ର ବୃତ୍ତି ବଦଳାଇ ଦିଅନ୍ତୁ। ମାସିକିଆ ଭଡ଼ାରେ ଲାଗୁଛି ଅନେକ ଦୋକାନ ଗୃହ। ଇଷ୍ଟେଟ ବିଭାଗ ଜାଣତରେ ହେଉ ଅବା ଅଜାଣତରେ ହେଉ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହଗୁଡ଼ିକର କୌଣସି ଅପଡେଟ୍ କରାଯାଉ ନାହିଁ। ଯାହା ଫଳରେ ପିଢ଼ି ପରେ ପିଢ଼ି ମାଲିକାନା ରହୁଛି। କେତେକ ଦୋକାନ ଗୃହ ବେଆଇନ ଭାବେ ନିର୍ମାଣ କରାଯାଉଛି। ସର୍ତ୍ତାବଳିକୁ ଉଲ୍ଲଙ୍ଘନ କରି ମାଲିକାନା ପରିବର୍ତ୍ତନ ପରେ ମନଇଚ୍ଛା ବିପଣି ଖୋଲୁଛନ୍ତି। କେଉଁଠି ପରିବା ଦୋକାନ ତ ଅନ୍ୟ କେଉଁଠି ରେଷ୍ଟୁରାଣ୍ଟ ତ ଅନ୍ୟ କେଉଁଠି ପାନ ଗୁଟୁକା ଆଉ ଲୁଚାଛପାରେ ଗଞ୍ଜେଇ ମିଳେ। ସ୍ୱାସ୍ଥ୍ୟ ସେବା ନାଁରେ ଅତ୍ୟନ୍ତ ଅନୁପଯୁକ୍ତ ପରିବେଶରେ ଲୋକଙ୍କଠାରୁ ଲୁଟ୍ କରାଯାଉଛି ବୋଲି ମଧ୍ୟ ସାଧାରଣରେ ଚର୍ଚ୍ଚା ହେଉଛି। ଆଉ ଏକ ଦୋକାନ ରହିଛି, ଯେଉଁଠି ସବୁ କୋଡ୍ ସିଗ୍ନାଲ କଣ୍ଟାକ୍ଟ ମିଳିଯାଏ । ସ୍ୱତନ୍ତ୍ର ଗ୍ରାହକଙ୍କ ବିଶ୍ୱସ୍ତ ଦୋକାନୀ, ଟୁର-ଟ୍ରାଭେଲସ ଆଣ୍ଡ ଏନଜୟମେଣ୍ଟ ଫର ୟୁଥ। ଉଦଭ୍ରାନ୍ତ ଯୁବକଙ୍କ ଆଖଡ଼ା ମଧ୍ୟ ଜମେ । କଲୋନୀ ମଧ୍ୟସ୍ଥ ତିନିତାଲା ପାଖ ମିନା ବଜାର ପଡ଼ିଆ ସଂଲଗ୍ନ ରାସ୍ତା ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି ବୋଲି ସାଧାରଣରେ ଆଲୋଚନା ହୁଏ। ଯେଉଁଠି କି କୁଢ଼ କୁଢ଼ ଖାଲି ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ ,ଜରି ପଲିଥିନ ଭଳି ଆବର୍ଜନା ସ୍ପଷ୍ଟ କରୁଛି। କଲୋନୀ ସାରା ୨୪ଘଣ୍ଟିଆ ସିକ୍ୟୁରିଟି ବ୍ୟବସ୍ଥା ସହିତ କୋଟି କୋଟି ଟଙ୍କା ବ୍ୟୟରେ ସିସିଟିଭି ଖଞ୍ଜା ଯାଇଥିଲେ ବି କଲୋନୀବାସୀ ସୁରକ୍ଷିତ ମଣୁ ନାହାନ୍ତି। କଲୋନୀର ଏହି ସବୁ ସମସ୍ୟାକୁ ନେଇ ଚର୍ଚ୍ଚା ହେବା ସହ ଅସନ୍ତୋଷ ପ୍ରକାଶ ପାଉଛି।

## ଭୋଟ ଗଣତି ନିମନ୍ତେ ତାଲିମ କାର୍ଯ୍ୟକ୍ରମ






**କାମକାକ୍ଷାନଗର,୩୦।୫(ସମିସ)**

କାମାକ୍ଷାନଗର ସ୍ଥିତ ସାରଙ୍ଗଧର ଷ୍ଟାଡିୟମ ପ୍ରେକ୍ଷାଳୟରେ ଗୁରୁବାର ଭୋଟ ଗଣତି ପାଇଁ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିତା ପାତ୍ର ଉପସ୍ଥିତ ରହିଥିଲେ। ଚଳିତ ସାଧାରଣ ନିର୍ବାଚନ ସରି ଯାଇଥିବା ବେଳେ ଆସନ୍ତା ୪ତାରିଖରେ ଗଣତି ହେବ। ଏହାକୁ ନେଇ ଗୁରୁବାର ସାରଙ୍ଗଧର ଷ୍ଟାଡିୟମ ପ୍ରେକ୍ଷାଳୟରେ ଗଣତି ପାଇଁ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦିଆଯାଇଛି ତାଲିମ। ଏଠାରେ ଢେଙ୍କାନାଳ ଅତିରିକ୍ତ ଜିଲ୍ଲାପାଳ ଅନିତା ପାତ୍ର, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆ, କଙ୍କଡାହାଡ଼ ବିଡିଓ ଯଶୋବନ୍ତ ଦେହୁରୀ, କାମାକ୍ଷାନଗର ତହସିଲଦାର ପ୍ରିୟବ୍ରତ ଦାସ, ସହକାରୀ ଜିଲାପାଳ ଦୀପକ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ସରିଲା ପ୍ରଚାର, ମତଦାନକୁ ଅପେକ୍ଷା

**ପ୍ରୀତିପୁର, ୩୦।୫ (ସମିସ):** ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ପ୍ରଚାରର ଅନ୍ତିମ ଦିନରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ସବୁ ରାଜନୈତିକ ଦଳ ପ୍ରଚାରକୁ ଜୋରଦାର କରିଛନ୍ତି। ବିଜେଡି ବିଧାୟିକା ପ୍ରାର୍ଥୀ ପ୍ରମିଳା ମଲ୍ଲିକ ଆଜି ବିଂଝାରପୁର ବ୍ଲକର ଶାସନ୍ଦା ପଞ୍ଚାୟତରେ ସମର୍ଥକଙ୍କ ସହ ଏକ ବିରାଟ ବାଇକ ରାଲି ସାହାଯ୍ୟରେ ପଞ୍ଚାୟତର ସମସ୍ତ ୱାର୍ଡରେ ବୁଲିବା ସହ ସ୍ଥାନୀୟ ଜନସାଧାରଣଙ୍କୁ ଭେଟି ନିଜ ସପକ୍ଷରେ ମତଦାନ କରିବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ କାମଦେବ ଧଳ, ଜିଲ୍ଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁଙ୍କ ସମେତ ପଞ୍ଚାୟତର ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ସେହିପରି ଅପରାହ୍ନରେ ରଙ୍ଗସ କାଳୀ ପଡ଼ିଆରେ ପ୍ରମିଳା ନିର୍ବାଚନୀ ସଭାରେ ଯୋଗଦେଇ କର୍ମୀଙ୍କୁ ଉତ୍ସାହିତ କରିଥିଲେ।

## ଅସନପୁରରେ ପ୍ରମିଳାଙ୍କ ନିର୍ବାଚନୀ ସଭା



**କୟାଁଗୋଲା, ୩୦।୫ (ସମିସ):** ଚଳିତ ନିର୍ବାଚନର ଶେଷ ତଥା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ସରିଛି। ପ୍ରଚାରରେ କମ୍ପିଛି ଗାଁଠୁ ସହର। ବିଂଝାରପୁର ନିର୍ବାଚନମଣ୍ଡଳୀ ରଙ୍ଗସ କାଳୀ ପଡ଼ିଆରେ ଆୟୋଜିତ ବିଜୁ ଜନତା ଦଳ କର୍ମୀ ସମ୍ମିଳନୀ ବରିଷ୍ଠ ବିଜେଡି ନେତା ପ୍ରଦୀପ ମହାନ୍ତିଙ୍କ ସଭାପତିତ୍ୱରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ବିଂଝାରପୁର ବିଧାୟିକା ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ ଯୋଗଦାନ କରିଥିଲେ। ସେ କହିଲେ, ମିଶନ ଶକ୍ତି ହିଁ ବିଜେଡିର ଶକ୍ତି। ମା', ଭଉଣୀ, ଛାତ୍ର, ଯୁବକ ସମସ୍ତେ ନିର୍ବାଚନ ପର୍ବରେ ସାମିଲ ହୋଇଛନ୍ତି। କର୍ମୀମାନେ ହିଁ ଦଳର ବଳ। ଏଥର ନିଶ୍ଚୟ ବିଜୁ ଜନତା ଦଳର ଅଭୁତପୂର୍ବ ବିଜୟ ହେବ। ମୁଖ୍ୟମନ୍ତ୍ରୀ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ପ୍ରମିଳା ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ଝିଲ୍ଲି ମଲ୍ଲିକ, ସରପଞ୍ଚ କାଞ୍ଚନ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ନୀନାରାଣୀ ସାମଲ, ଚାଷଖଣ୍ଡ ସରପଞ୍ଚ ପ୍ରତିଭା ମଲ୍ଲିକ, ବିଂଝାରପୁର ନିର୍ବାଚନମଣ୍ଡଳୀ ସଭାପତି ପ୍ରଭାତ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ତାରକା ପ୍ରଚାରକ ଭାବେ ସିନେ ତାରକା ଭୂମିକା ଓ ସ୍ୱରାଜ ସାମିଲ ହୋଇ ପ୍ରମିଳାଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ।

## ଚାନ୍ଦପୁର ମା' ମଙ୍ଗଳାଙ୍କ ପ୍ରତିଷ୍ଠା ଉତ୍ସବ

**ପାଣିକୋଇଲି, ୩୦।୫(ସମିସ):** ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଗ୍ରାମଦେବତୀ ମା' ମଙ୍ଗଳାଙ୍କ ପ୍ରତିଷ୍ଠା ଉତ୍ସବ ଆଜି ମହାସମାରୋହରେ ପାଳିତ ହୋଇଛି।

ଏ ଅବସରରେ ଆଜି ପ୍ରତ୍ୟୁଷରୁ ମହାସ୍ନାନ, ଆଳତି, ଷୋଡଶ ଉପଚାର ପୂଜା କରାଯାଇଥିଲା। ପରେ ବିଷ୍ଣୁ ଚରଣ ରାଉତଙ୍କ ତତ୍ତ୍ୱାବଧାନରେ ପୂଜକ ରବିନାରାୟଣ ପଣ୍ଡାଙ୍କ ଦ୍ୱାରା ଯଜ୍ଞ ଓ ପୂଜା ଆଦି କରାଯାଇଥିଲା। ଶଙ୍କର୍ଷଣ ପରିଡ଼ା, ଶିବ ପରିଡ଼ା, ମାନସ ପରିଡ଼ା, ବିଶ୍ୱନାଥ ସାମଲ, କାଶୀନାଥ ସେନାପତି, ଅଜୟ ପରିଡ଼ା, ପ୍ରକାଶ ସେନାପତି, ବ୍ରଜ ସ୍ୱାଇଁ, ମନ୍ମଥ ପଣ୍ଡା, ପ୍ରଦୀପ ପଣ୍ଡା, କଳ୍ପନା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ସରିଲା ନିର୍ବାଚନ ପ୍ରଚାର, ଜିଲ୍ଲାରେ ଜାରି ହେଲା ୧୪୪ ଧାରା

**କେନ୍ଦ୍ରାପଡ଼ା,୩୦।୫(ସମିସ):** ଜୁନ୍ ୧ ତାରିଖ ଦିନ ଭୋଟ ଗ୍ରହଣ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ୯୬-ପାଟକୁରା, ୯୭-କେନ୍ଦ୍ରାପଡ଼ା, ୯୮-ଆଳି, ୯୯-ରାଜନଗର ଓ ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସମଗ୍ର ଅଞ୍ଚଳରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶମତେ ଫୌଜଦାରୀ ଆଇନ, ୧୮୭୩ର ୧୪୪ ଧାରା ଜାରି କରିଛନ୍ତି। ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ଏହା ମେ ୩୦ ତାରିଖ ସନ୍ଧ୍ୟା୬ଘଟିକାରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ସୂଚନାଯୋଗ୍ୟ, ଜନପ୍ରତିନିଧି ଅଧିନିୟମ ୧୯୫୧ର ଧାରା ୧୨୬ ଓ ୧୩୦ ଅନୁଯାୟୀ ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ ସମସ୍ତ ନିର୍ବାଚନ ପ୍ରଚାର ଶେଷ ହେବ। ତେଣୁ ଆଜି ସନ୍ଧ୍ୟା୬ଘଟିକା ପରଠାରୁ କୌଣସି ବ୍ୟକ୍ତି ନିର୍ବାଚନ ସମ୍ବନ୍ଧିତ ସାଧାରଣ ସଭା କିମ୍ବା ଶୋଭାଯାତ୍ରାର ଆୟୋଜନ ବା ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇପାରିବେ ନାହିଁ। ଟେଲିଭିଜନ, ରେଡିଓ, ସଙ୍ଗୀତ କାର୍ଯ୍ୟକ୍ରମ, ନାଟକ ପ୍ରଦର୍ଶନ କିମ୍ବା ଅନ୍ୟ କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ଜରିଆରେ ନିର୍ବାଚନୀ ପ୍ରଚାର ପ୍ରସାର ହୋଇପାରିବ ନାହିଁ। ପ୍ରଚାର ସମୟ ଶେଷ ହେବା ପରେ ଅର୍ଥାତ୍ ଆଜି ସନ୍ଧ୍ୟା୬ ଘଟିକା ପରେ କେନ୍ଦ୍ରାପଡ଼ା ଜିଲ୍ଲାର ଭୋଟରଙ୍କ ବ୍ୟତୀତ ନିର୍ବାଚନ ପ୍ରଚାର ପାଇଁ ଆସିଥିବା ବାହାର ନିର୍ବାଚନମଣ୍ଡଳୀର ଦଳୀୟ କର୍ମକର୍ତ୍ତା ବା ବ୍ୟକ୍ତିବିଶେଷ ଜିଲ୍ଲାରେ ରହିପାରିବେ ନାହିଁ। ମେ ୩୦ ସନ୍ଧ୍ୟା ୬ଘଟିକାରୁ ଜୁନ୍ ୧ ତାରିଖ ସନ୍ଧ୍ୟା୬ଘଟିକା ପର୍ଯ୍ୟନ୍ତ ଡ୍ରାଏ ଡେ ପାଳନ କରାଯିବ। ମତଦାନ ଦିବସରେ ପ୍ରାର୍ଥୀ, ଏଜେଣ୍ଟ ଓ ଦଳୀୟ କର୍ମକର୍ତ୍ତାଙ୍କ ଚଳାଚଳ ପାଇଁ ମୋଟ୍ ୩ଟି ଗାଡ଼ିର ଅନୁମତି ଦିଆଯାଇପାରିବ। ଦଳୀୟ କର୍ମକର୍ତ୍ତା ବା ପ୍ରାର୍ଥୀ ମତଦାତାଙ୍କୁ ସେମାନଙ୍କ ଘରୁ ଭୋଟଗ୍ରହଣ କେନ୍ଦ୍ର ପର୍ଯ୍ୟନ୍ତ ନେବା ଆଣିବା କରିପାରିବେ ନାହିଁ। ମତଦାନ କେନ୍ଦ୍ରର ୧୦୦ ମିଟର ପରିସର ମଧ୍ୟରେ କୌଣସି ଦଳୀୟ କର୍ମକର୍ତ୍ତା ଦଳୀୟ ଚିହ୍ନରେ ଭୋଟଦାନ ପାଇଁ ଭୋଟରଙ୍କୁ ପ୍ରରୋଚିତ କରିପାରିବେ ନାହିଁ। ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ମତଦାନ କେନ୍ଦ୍ରର ୧୦୦ ମିଟର ପରିସୀମା ମଧ୍ୟରେ ମୋବାଇଲ, ସ୍ମାର୍ଟ ୱାଚ୍ ଆଦି ନିଷେଧ କରାଯାଇଥିବା ବେଳେ ଲାଉଡ୍ ସ୍ପିକର୍, ଆମ୍ପ୍ଲିଫାୟାର୍ ଏବଂ ଉଚ୍ଚ ସ୍ୱର କରୁଥିବା ଅନ୍ୟ ଯେ କୌଣସି ଉପକରଣର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କେହି ମତଦାନ କେନ୍ଦ୍ର ପରିସରରେ ଅସ୍ତ୍ରଧାରଣ କରି ରହିବା ମଧ୍ୟ ନିଷେଧ ଅଟେ। ନିର୍ବାଚନ ଶେଷ ପର୍ଯ୍ୟାୟର ସମାପ୍ତି ପର୍ଯ୍ୟନ୍ତ ଏକଜିଟ୍ ପୋଲ୍‌ର ଫଳାଫଳ ଘୋଷଣା ଉପରେ ମଧ୍ୟ ନିଷେଧାଦେଶ ଜାରି କରାଯାଇଛି। କୌଣସି ବ୍ୟକ୍ତି ଏହି ନିର୍ଦ୍ଦେଶନାମାକୁ ଅମାନ୍ୟ କଲେ ଭାରତୀୟ ପିଙ୍ଗଳ କୋଡ୍ ଧାରା ୧୮୮ ଏବଂ ଅନ୍ୟ ସଂପୃକ୍ତ ପ୍ରାବଧାନ ଅନୁଯାୟୀ ଦଣ୍ଡିତ ହେବେ।

# ଜୁନ୍ ୧ ମତଦାନ ଦିବସ ନିମନ୍ତେ ଜାରି ହେଲା ମାର୍ଗଦର୍ଶିକା

**କେନ୍ଦ୍ରାପଡ଼ା,୩୦।୫(ସମିସ):** ସାଧାରଣ ନିର୍ବାଚନ ନିମନ୍ତେ ଆସନ୍ତା ଜୁନ୍ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଭୋଟ୍ ଗ୍ରହଣ କରାଯିବ। ଏଥିପାଇଁ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭୋଟ ଗ୍ରହଣ ଦିନ ମତଦାନକୁ ଅଧିକ ସୁଗମ କରିବା ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ମତଦାତା ମାର୍ଗଦର୍ଶିକା ଅନୁଯାୟୀ କିଛି ନିୟମାବଳୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କ ଅବଗତି ନିମନ୍ତେ ଜାରି କରାଯାଇଛି। ମତଦାତା ବୁଥ୍‌କୁ ଆସିବା ସମୟରେ ୧୩ଟି ଅନୁମୋଦିତ ଦସ୍ତାବିଜ୍ ମଧ୍ୟରୁ ଯେକୌଣସି ଗୋଟିଏ ପରିଚୟପତ୍ର ନେଇ ଆସିବା ବାଧ୍ୟତାମୂଳକ। ସେଗୁଡ଼ିକ ମଧ୍ୟରେ ରହିଛି ଭୋଟର୍ ପରିଚୟପତ୍ର, ଆଧାର କାର୍ଡ, ପ୍ୟାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସପୋର୍ଟ, ଦିବ୍ୟାଙ୍ଗ ପରିଚୟପତ୍ର, ଫଟୋ ସଂଲଗ୍ନ ଥିବା ଚାକିରି କ୍ଷେତ୍ରର ପରିଚୟପତ୍ର, ଫଟୋ ସଂଲଗ୍ନ ଥିବା ବ୍ୟାଙ୍କ ବା ପୋଷ୍ଟ ଅଫିସର ପାସ୍‌ବୁକ୍, ଶ୍ରମ ମନ୍ତ୍ରାଳୟ ଯୋଜନା ଅଧୀନରେ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ଏନ୍‌ପିଆର୍ ଅନ୍ତର୍ଗତ ଆର୍‌ଜିଆଇ ଦ୍ୱାରା ପ୍ରଦତ୍ତ ସ୍ମାର୍ଟ କାର୍ଡ, ଫଟୋ ସଂଲଗ୍ନ ପେନ୍‌ସନ୍ ବହି, ସାଂସଦ/ବିଧାୟକ/ବିଧାନସଭା ସଦସ୍ୟଙ୍କୁ ଦିଆଯାଇଥିବା ସରକାରୀ ପରିଚୟପତ୍ର ଓ ଏମ୍‌ଏନ୍‌ଆର୍‌ଇଜିଏ ଜବ୍ କାର୍ଡ। ଏଥିମଧ୍ୟରୁ ଯେକୌଣସି ଗୋଟିଏ ପରିଚୟପତ୍ର ଦର୍ଶାଇ ମତଦାତା ନିଜର ପରିଚୟ ସାବ୍ୟସ୍ତ କରିପାରିବେ। ମାର୍ଗଦର୍ଶିକା ଅନୁଯାୟୀ ମତଦାତା ବୁଥ୍ ମଧ୍ୟକୁ ମୋବାଇଲ୍, କ୍ୟାମେରା, ହେଡ୍ ଫୋନ୍, ସ୍ମାର୍ଟ ୱାଚ୍ ଭଳି କୌଣସି ବୈଦ୍ୟୁତିକ ଉପକରଣ ନେଇପାରିବେନାହିଁ। ସେହିପରି ମତଦାନକୁ ସହଜ କରିବା ନିମନ୍ତେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ଅକ୍ଷମତା ହେତୁ ସାଥି ମତଦାତାଙ୍କ ସାହାଯ୍ୟ ନେଇପାରିବେ। ଏଥିସହ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ ନିଜ ନିଜର ପୋଲିଂ ଏଜେଣ୍ଟ ନିଯୁକ୍ତି କରିବେ। ପୋଲିଂ ଏଜେଣ୍ଟମାନେ ମତଦାନ ଦିବସ ଅର୍ଥାତ୍ ଜୁନ୍ ୧ରେ ସକାଳ ୫ଟା ୩୦ମିନିଟ୍ ସୁଦ୍ଧା ମତଦାନ କେନ୍ଦ୍ରରେ ପହଞ୍ଚି ମକ୍‌ପୋଲ୍‌ରେ ଉପସ୍ଥିତ ରହିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଭୋଟ ଗ୍ରହଣ ଦିନ ମିଡିଆ ପାସ୍ ପାଇଥିବା ଗଣମାଧ୍ୟମ ପ୍ରତିନିଧି କେବଳ ମତଦାନ କେନ୍ଦ୍ରକୁ ଯାଇପାରିବେ। ସେମାନଙ୍କୁ ସହଜରେ ଚିହ୍ନଟିକରଣ ପାଇଁ ମିଡିଆ ପାସ୍ ସହ ସେମାନେ ସାମ୍ବାଦିକ ପରିଚୟପତ୍ର ସାଙ୍ଗରେ ନେବେ। ଭୋଟ ଗ୍ରହଣର ଗୋପନୀୟତାକୁ ସୁନିଶ୍ଚିତ କରିବା ପାଇଁ ସାମ୍ବାଦିକମାନେ ବୁଥ୍ ଭିତରକୁ ଯାଇପାରିବେନାହିଁ କି ଭୋଟିଂ କମ୍ପାର୍ଟମେଣ୍ଟ ମଧ୍ୟରେ ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରିପାରିବେନି। ୱେ କାଷ୍ଟିଙ୍ଗ୍ କଣ୍ଟ୍ରୋଲ୍ ରୁମ୍‌କୁ ପ୍ରବେଶ ନିଷିଦ୍ଧ କରାଯାଇଥିବା ସହ କୌଣସି ଫଟୋ କିମ୍ବା ଭିଡିଓ ଉତୋଳନ କରିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ନୋ କ୍ୟାମ୍ପେନ୍ ଜୋନ୍ ଅର୍ଥାତ୍ ପୋଲିଂ ଷ୍ଟେସନର ୧୦୦ ମିଟର ପରିସର ମଧ୍ୟରେ ଜୁନ୍ ୧ ମତଦାନ ଦିବସରେ ଗଣମାଧ୍ୟମ ପ୍ରତିନିଧି କୌଣସି ସାକ୍ଷାତ୍‌କାର ନେଇପାରିବେ ନାହିଁ।

# ବୁଥ୍‌ମୁହାଁ ହେଲେ ପୋଲିଂ ପାର୍ଟି






**କେନ୍ଦ୍ରାପଡ଼ା,୩୦।୫(ସମିସ):** ଜୁନ୍ ୧ ଭୋଟ ଗ୍ରହଣ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଜି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରୁ ଇଭିଏମ୍ ସଂଗ୍ରହ କରି ବୁଥ୍ ପରିଚାଳନା ଅଧିକାରୀ ୯୮-ଆଳି, ୯୯-ରାଜନଗର ଓ ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍‌କୁ ଯାତ୍ରା କରିଛନ୍ତି। ପ୍ରତ୍ୟେକ ପୋଲିଂ ପାର୍ଟିରେ ଅଛନ୍ତି ଜଣେ ପ୍ରିଜାଇଡିଂ ଅଫିସର, ୫ ଜଣ ପୋଲିଂ ଅଧିକାରୀ ଓ ଜଣେ ପୁଲିସ କର୍ମଚାରୀ। ଆଳି, ରାଜନଗର ଓ ମହାକାଳପଡ଼ାରେ ଯଥାକ୍ରମେ ୩୧୯, ୨୮୭ ଓ ୨୮୪ଟି ବୁଥ୍ ରହିଛି। ଆସନ୍ତାକାଲି ୯୬-ପାଟକୁରା ଓ ୯୭-କେନ୍ଦ୍ରାପଡ଼ା ପାଇଁ ପୋଲିଂ ପାର୍ଟି ଯାତ୍ରା କରିବେ। ବୁଥ୍ ପରିଚାଳନା ଅଧିକାରୀମାନେ ବାଲାଟ୍ ୟୁନିଟ୍, କଣ୍ଟ୍ରୋଲ ୟୁନିଟ୍ ଓ ଭିଭିପାଟ୍ ସହ ଭୋଟର୍ ତାଲିକା, ଭୋଟର ସ୍ଲିପ୍, ବ୍ୟାଟେରୀ, ଏଲ୍‌ଇଡି ଲାଟିନ୍, କାଳି, ଷ୍ଟାମ୍ପ, ଭୋଟିଂ କମ୍ପାର୍ଟମେଣ୍ଟ ଆଦି ସମସ୍ତ ଆବଶ୍ୟକ ଉପକରଣ ସାଙ୍ଗରେ ଧରି ଯାତ୍ରା କରିଛନ୍ତି। ଜୁନ୍ ୧ରେ ଶତପ୍ରତିଶତ ଭୋଟଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି।



# ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ଧ୍ରୁବଙ୍କ ରୋଡ୍ ଶୋ'




**ରାଜନଗର, ୩୦।୫(ସମିସ):** ରାଜନଗର ନିର୍ବାଚନମଣ୍ଡଳୀରେ ପ୍ରଚାରର ଆଜି ଶେଷ ଦିନ। ବିଭିନ୍ନ ଦଳର ପ୍ରାର୍ଥୀ ସେମାନଙ୍କର ପ୍ରଚାରକୁ ଜୋରଦାର କରି ଭୋଟରଙ୍କୁ ଭୋଟ ଭିକ୍ଷା କରିଛନ୍ତି। ଆଜି ୩୨ନଂ ଜୋନର ଡାଙ୍ଗମାଳ, କୃଷ୍ଣନଗର, ଖମାରସାହି ପ୍ରଭୃତି ପଞ୍ଚାୟତରେ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ରୋଡ୍ ଶୋ କରି ଭୋଟ ଭିକ୍ଷା କରିଛନ୍ତି। ରାଜନଗରର ବିକାଶ ରଥକୁ ଆଗକୁ ନେବା ଓ ମୁଖ୍ୟମନ୍ତ୍ରୀଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ରାଜନଗର ବ୍ଲକ କୃଷ୍ଣନଗର ପଞ୍ଚାୟତର ବାଘୁଆ ନିକଟରୁ ବିରାଟ ପଟୁଆରରେ କନକନଗର, ଶୈଳେନ୍ଦ୍ରନଗର, ସୁବର୍ଣ୍ଣପୁର, ପିଞ୍ଛାପାଟିଆ, ବରାଡ଼ିଆ, ନୂଆଗାଁ, ଡାଙ୍ଗମାଳ, ବାଙ୍କୁଆଳ, ଖମାରସାହି, ରଗଡ଼ାପାଟିଆ, ରାଜେନ୍ଦ୍ର ନାରାୟଣପୁର, ପରମାନନ୍ଦପୁର, ଗୋବିନ୍ଦପୁର ପ୍ରଭୃତି ଗ୍ରାମ ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ। ଏହି ରୋଡ୍ ଶୋରେ ରାଜ୍ୟ ମହିଳା ବିଜୁ ଯୁବ ଜନତା ଦଳର ମହାସଚିବ ଏଲିନା ଦାସ, ୩୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ସରପଞ୍ଚ ନନ୍ଦଦୁଲାଲ ପରିଡା, ଦ୍ରୌପଦୀ ସେଠୀ, ଅନୁସୂୟା ବିଶ୍ୱାଳ, ସମିତିସଭ୍ୟ ବିଶ୍ୱନାଥ ମାଇତି, ଶ୍ରୀଚରଣ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଉପାଧ୍ୟକ୍ଷ ସୁଦର୍ଶନ ଦାସ, ଲକ୍ଷ୍ମୀଧର ବାରିକ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ସୁବିମଳ ମାଇତି, ମୀନକେତନ ଦାସ, ବଙ୍କେଶ ଦାସ, ତପନ ମଣ୍ଡଳ, ରବିନ୍ଦ୍ର ସିଂ, ପବିତ୍ର କୁମାର କରଣ, ସୁଶାନ୍ତ କୁମାର ବେହେରା, ଅର୍ଜୁନ ମଣ୍ଡଳ, ସତ୍ୟବ୍ରତ ସ୍ୱାଇଁ, ପ୍ରଭାତ ବେହେରା, କାଳୀପଦ ମଣ୍ଡଳ, ସୁଶାନ୍ତ ମଣ୍ଡଳ, ଦିଲ୍ଲୀପ ମଣ୍ଡଳ, ରମାକାନ୍ତ କରଣ, କାନ୍ତିଲତା ବେହେରା, ନଳିନୀ ମହାନ୍ତି, ନିତ୍ୟାନନ୍ଦ ସାହୁ ପ୍ରମୁଖ ଏହି ରୋଡ୍ ଶୋରେ ସାମିଲ ହୋଇଥିଲେ।

# ପୁନର୍ବାସ ପକ୍ଷରୁ ବ୍ରେଲ୍ ଭୋଟର ସଚେତନତା କର୍ମଶାଳା



**କେନ୍ଦ୍ରାପଡା,୩୦।୫(ସମିସ):** ଭିନ୍ନକ୍ଷମ ବର୍ଗ ଭୋଟରଙ୍କ ମତଦାନ ପ୍ରକ୍ରିୟାରେ ପୂର୍ଣ୍ଣ ଅଂଶଗ୍ରହଣ ପାଇଁ ଚଳିତ ନିର୍ବାଚନକୁ ଅଧିକ ସୁଗମ ଓ ବ୍ୟାପକ ଅନୁକୂଳ ବ୍ୟବସ୍ଥା ଅବଲମ୍ବନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦୃଷ୍ଟି ବାଧିତ ଭୋଟରମାନଙ୍କ ଅବଗତି ଉଦ୍ଦେଶ୍ୟରେ ଏକ - "ବ୍ରେଲ୍ ଭୋଟର ସଚେତନତା କର୍ମଶାଳା' ପୁନର୍ବାସ ଥେରାପି କେନ୍ଦ୍ରରେ ବୁଧବାର ଆୟୋଜନ କରାଯାଇଥିଲା। ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ କଥାକାର ଡକ୍ଟର ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. କୁଳମଣି ବରାଳ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ବିରେନ୍ଦ୍ର କୁମାର ଦାସ, ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, କେନ୍ଦ୍ରାପଡ଼ା ମଣ୍ଡଳ ସାମାଜିକ ଅଧିକାରିଣୀ ସୁଦୀପ୍ତା ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ଓ ଦୃଷ୍ଟିବାଧିତ ଶିକ୍ଷକ ନୃସିଂହ ଚରଣ ବେହେରା ଯୋଗଦେଇ ଏହି କର୍ମଶାଳା ଓ ପ୍ରଦାନ କରାଯାଇଥିବା ଭୋଟଦାନ ସହାୟକ ବ୍ରେଲ୍ ପୁସ୍ତିକାଟି ଦୃଷ୍ଟି ବାଧିତମାନଙ୍କୁ ମତଦାନ ପ୍ରକ୍ରିୟାରେ ଉପଲବ୍ଧ ସୁବିଧା ସମ୍ପର୍କରେ ଅବଗତ କରାଇବା ସହିତ ସ୍ୱାଧୀନ ଭାବେ ମତଦାନ କରିବାକୁ ସୁଗମ କରିବ। ଏହି ପୁସ୍ତକରେ ସକ୍ଷମ ଆପ୍, ଭୋଟଦାନ ପଦ୍ଧତି ବିଷୟରେ ବ୍ରେଲ ଲିପିରେ ସୂଚନା ପ୍ରଦାନ କରାଯାଇଛି। ଏହି କର୍ମଶାଳାରେ ଦୃଷ୍ଟି ବାଧିତ ଅଧ୍ୟାପିକା ସସ୍ମିତା ଅଧିକାରୀ, ଅରୁଣ କୁମାର ବେହେରା, ବଟକୃଷ୍ଣ ବାରିକ, ରାହୁଲ ପାତ୍ର, ଅକ୍ଷୟାନନ୍ଦ କୁମାର ନାଥ ଆଦି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୩ଜଣ ଦୃଷ୍ଟିବାଧିତ ଭୋଟର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପୁନର୍ବାସର ସଭ୍ୟ ବଂଶୀଧର ମହାନ୍ତି, ଜ୍ୟୋତିରଞ୍ଜନ ନାୟକ, ଶିବପ୍ରସାଦ ସାମଲ, ଶେଷଦେବ ଦାସ, କ୍ଷୀରୋଦ କର, କାଉନସିଲର ସଞ୍ଜୀବ ଜେନା ପ୍ରମୁଖ ସଂଯୋଜନା କରିଥିଲେ। ପରିଶେଷରେ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ରଞ୍ଜନ ସ୍ୱାଇଁ, ମିହିର ରଞ୍ଜନ ବାରିକ, ଦୀପକ ସାହୁ ପ୍ରମୁଖ ସହାୟତା କରିଥିଲେ

# ରାଜନଗର ପଞ୍ଚାୟତ ବିଜେଡି ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



**ରାଜନଗର, ୩୦।୫(ସମିସ):** ଚଳିତ ସାଧାରଣ ନିର୍ବାଚନରେ ଆଜି ପ୍ରଚାରର ଶେଷ ଦିନ ହୋଇଥିବାରୁ ରାଜନଗର ପଞ୍ଚାୟତ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କରାଯାଇଥିଲା। ରାଜନଗର ପଞ୍ଚାୟତର ମଲ୍ଲିଆବୁଦା, ସାନଓର, ହରିଜନ ସାହି, ବଜାରଦାଣ୍ଡ, ବଡ଼ଦାଣ୍ଡ, ଗଳିଦାଣ୍ଡ ପ୍ରଭୃତି ଅଞ୍ଚଳର ଘରକୁ ଘର ବୁଲି ବିଜେଡି କର୍ମୀ ଶଙ୍ଖଚିହ୍ନ ମାରିବା ସହ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ, ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିବା ସହ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ୩୦ନଂ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ପଞ୍ଚାୟତ ସଭାପତି ନାରାୟଣ ଦାସ, ବରିଷ୍ଠ ବିଜେଡି ନେତା ଚିତ୍ତରଞ୍ଜନ ଦାସ, ରମଣୀ ରଞ୍ଜନ ମହାପାତ୍ର, ବାଇଧର ସେଠୀ, ସତ୍ୟବାନ ସେଠୀ, ଦଣ୍ଡହରି ମଲିକ, ଜୟୀରାମ ସେଠୀ, ଧ୍ରୁବଚରଣ ଲେଙ୍କା, ପ୍ରଶାନ୍ତ କୁମାର ବିଶ୍ୱାଳ, ସତ୍ୟରଞ୍ଜନ ସାହୁ, ସର୍ବେଶ୍ୱର ମଲିକ, ଶରତ କୁମାର ମଲିକ, ଅକ୍ଷୟ କୁମାର ମଲିକ, ମନ୍ମଥ କୁମାର ମଲିକ, ଅନିରୁଦ୍ଧ ମଲିକ, ବିଜୟ କୁମାର ମଲିକ, ଲକ୍ଷ୍ମଣ ସେଠୀ, ରାଜକିଶୋର ମଲିକ, ମହେଶ୍ୱର ସେଠୀ, ଶିବରାମ ସାହୁ, ଉମେଶ ଦାସ, ରମାକାନ୍ତ ସ୍ୱାଇଁ, ବାଇଧର ସେଠୀ, ଗୁରୁବାରି ସେଠୀ, ସୋମନାଥ ବାରିକ, ମାନସ କୁମାର ସେଠୀ, ପବିତ୍ର କୁମାର ସେଠୀ, ବାବାଜୀ ମିଶ୍ର ପ୍ରମୁଖ ସାମିଲ ଥିଲେ।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

**ରାଜନଗର, ୩୦।୫(ସମିସ):** ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ନଗଡ଼ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ କୀର୍ତ୍ତନ ଚନ୍ଦ୍ର ପାତ୍ରଙ୍କ ୮୯ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱର୍ଗତ ପାତ୍ର ଜଣେ ଦେଶପ୍ରେମୀ, ମିଷ୍ଟଭାଷୀ, ବନ୍ଧୁ ବତ୍ସଳ, ସମାଜପ୍ରେମୀ ମଣିଷ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ରାଜନଗର ବ୍ଲକ ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କୃପାସିନ୍ଧୁ ସାମଲ, ସମ୍ପାଦକ ବିଜୟ କୁମାର ଜେନା, ପ୍ରାଧ୍ୟାପକ ସତ୍ୟବାଦୀ ଜେନା, କ୍ଷୀରୋଦ କୁମାର ମଲ୍ଲିକ, ଅର୍ଜୁନ ଚରଣ ସ୍ୱାଇଁ, ଅନୀଲ କୁମାର ବଳ, ମହେଶ୍ୱର ରାଉତ, ବ୍ରହ୍ମାନନ୍ଦ ରାଉତ, ଗଣେଶ୍ୱର ନାୟକ, ବିରଞ୍ଚି ନାରାୟଣ ଜେନା, ଅଭିରାମ ସାହୁ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି।

## ସରିଲା ପ୍ରଚାର

# ପ୍ରଚାରରେ ବିଜେଡି ଆଗୁଆ

**ମହାକାଳପଡ଼ା,୩୦।୫(ସମିସ):** ପ୍ରଚାରର ଶେଷ ଦିନରେ ମଙ୍ଗଳପୁରଠାରୁ ବିଶାଳ ବାଇକ ରାଲିରେ ମଙ୍ଗଳପୁର, ବରକନ୍ଦା, ପେଟଛେଲା, ରାମନଗର, ଖରିନାସୀ ଏବଂ ବତୀଘର ପଞ୍ଚାୟତରେ ଅପରାହ୍ନ ୫ଟାରେ ବିଜେଡିର ପ୍ରଚାର ଶେଷ ହୋଇଥିଲା । ସବୁ ଗ୍ରାମ ଛକରେ ଶହ ଶହ ମହିଳା ପୁରୁଷ, ଯୁବକ ସାଥୀ ପୁଷ୍ପଗୁଚ୍ଛ ଦେଇ ହୁଳୁହୁଳି ପକେଇ ସ୍ୱାଗତ କରିଥିଲେ ।ଶଙ୍ଖ ଚିହ୍ନ ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ଅତନୁ ସବ୍ୟସାଚୀ ନାୟକ ଜିନ୍ଦାବାଦ ଏବଂ ଅଂଶୁମାନ ମହାନ୍ତି ଜିନ୍ଦାବାଦ ଦେଇ ବିପୁଳ ସଂଖ୍ୟାରେ ଭୋଟ ଦେଇ ଏଥର ରେକର୍ଡ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ କରାଇବୁ ବୋଲି ସମର୍ଥକ ମାନେ କହୁଥିଲେ । ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରାମନଗର ଗସ୍ତ ସମୟରେ ଏହି ଅଞ୍ଚଳର ଜମିଜମା ସମସ୍ୟା ଦୂର ପାଇଁ ଦେଇଥିବା ପ୍ରତିଶ୍ରୁତି ପାଇ ବଙ୍ଗଭାଷୀ ଭୋଟରମାନେ ବିଜେଡି ପ୍ରତି ଉତ୍ସାହିତ ଥିବା ଅଞ୍ଚଳବାସୀ କହିଛନ୍ତି। ତେଣୁ ଏଥର ଦୁଇଟିଯାକ ଭୋଟ ଶଙ୍ଖ ଚିହ୍ନକୁ ଦେବେ ।ମାର୍ଶାଘାଇ ବ୍ଲକର ୧୭ ପଞ୍ଚାୟତରେ ବିଜେଡିର ସ୍ଥିତି ଚିରାଚରିତ ଭାବେ ସମ୍ପୂର୍ଣ୍ଣ ସୁଦୃଢ ରହିଛି ।ଏଥି ସହିତ ବିଜୟ ମହାପାତ୍ର ଙ୍କ ପୁଅ ଅରବିନ୍ଦ ମହାପାତ୍ର ପାଟକୁରାରେ ବିଜେଡିରେ ସାମିଲ ହେବା ପରେ ପୂର୍ବରୁ ପାଟକୁରାରେ ସାମିଲ ଥିବା ରାଘବପୁର, ଆଖୁଆଦକ୍ଷିଣି, ପରକୁଳା, ତାଳସଙ୍ଗା, ଅନ୍ତେଇ, ବଟିରା, ମଙ୍ଗରାଜପୁର, ବେରୁହାଁ, ଗରଜଙ୍ଗା ଆଦି ପଞ୍ଚାୟତ ସମେତ ମହାକାଳପଡା ବ୍ଲକର ତିଖିରୀ, ଅମେଇପାଳ, ପାଟଳିପଙ୍କ, ଖୁରୁଷିଆ, ଟିକରପଙ୍ଗା, ଗଡ଼ରୋମିତ, ତେରଗାଁ, ଯଦୁପୁର, ଜୟଚନ୍ଦ୍ରପୁର, ବଡ଼କୁଳ, କରଞ୍ଜି ପ୍ରଭୃତି ପଞ୍ଚାୟତରେ ଥିବା ହଜାର ହଜାର ବିଜୟ ମହାପାତ୍ର ସମର୍ଥକ ଏବେ ବିଜେଡିର ବିଜୟ ପାଇଁ ଲାଗି ପଡିଛନ୍ତି । ଉପକୂଳ ଏବଂ ମଧ୍ୟ ମହାକାଳପଡ଼ାର ୨୦ ପଞ୍ଚାୟତରେ ଦିବଙ୍ଗତ ନେତା ନଳିନୀକାନ୍ତ ମହାନ୍ତିଙ୍କର ହଜାର ହଜାର ସମର୍ଥକ ବିଜେଡିର ଜୟ ପାଇଁ ପ୍ରଚାରରେ ସାମିଲ ହୋଇ ସାରିଛନ୍ତି । ବଙ୍ଗଭାଷୀ ଅଞ୍ଚଳରେ ନଳିନୀକାନ୍ତ ମହାନ୍ତିଙ୍କର ବହୁତ ପ୍ରଭାବ ଥିଲା । ତେଣୁ ବଙ୍ଗ ଭାଷୀ ଅଞ୍ଚଳରେ ବିଜେଡିର ଶକ୍ତି ବୃଦ୍ଧି ପାଇଛି । ଆଜି ପ୍ରଚାରର ଶେଷ ଦିନରେ ପାରାଦୀପର ଶ୍ରମିକ ନେତା ବାପି ସରର୍ଖେଲ, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇ ଅତନୁ ଏବଂ ଅଂଶୁମାନଙ୍କୁ ଭୋଟ ଦେବାକୁ ପ୍ରଚାର କରିଛନ୍ତି ।ମହାକାଳପଡ଼ାର ଏହି ଅଞ୍ଚଳ ପାରାଦୀପ ସଂଲଗ୍ନ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳର ଶହ ଶହ ଯୁବକ ପାରାଦୀପର ଶ୍ରମିକ ସଂଗଠନ ସହିତ ଜଡିତ ଥାଇ ବିଭିନ୍ନ ଶିଳ୍ପରେ କାର୍ଯ୍ୟ କରୁଛନ୍ତି । ତେଣୁ ଦୁଇ ଶ୍ରମିକ ନେତାଙ୍କ ପ୍ରଚାର ବିଜେଡି ପାଇଁ ଲାଭଦାୟକ ହେବ । ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ୪୮ଟି ପଞ୍ଚାୟତରେ ବିଜେଡି ଆଗୁଆ ରହିବ। ସବୁଥର ଅପେକ୍ଷା ଏଥର ବିଜୟ ବ୍ୟବଧାନ ବଢିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ।ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ମଧ୍ୟ ଅଧିକ ଭୋଟ ପାଇବେ ବୋଲି ସେ କହିଛନ୍ତି । କଂଗ୍ରେସ ପ୍ରାର୍ଥୀ ଲୋକନାଥ ମହାରଥୀ ନିଜର ଶକ୍ତି ପ୍ରଦର୍ଶନ ପୂର୍ବକ ଗହ୍ମା ଗ୍ରାମରୁ ଏକ ବିଶାଳ ଶୋଭାଯାତ୍ରା ବାହାର କରି ମହାକାଳପଡ଼ା, ଅଳାଇଲୋ, ଦେଉଳପଡ଼ା, ବିଜୟନଗର, ବଡିହି,ଗୋଗୁଆ, ସୁନୀତି, ଜମ୍ବୁ ପଞ୍ଚାୟତ ପରିକ୍ରମା କରି ଜମ୍ବୁରେ ସଭା କରିଥିଲେ ।ଶେଷ ଦିନରେ ଭାଜପାର ପ୍ରଚାର ମାନ୍ଦା ରହିଥିଲା । ବାଇକ ରାଲି କରି ପ୍ରଚାର କରିବାକୁ ଯୋଜନା କରିଥିଲେ ବି ଶେଷ ମୁହୂର୍ତ୍ତରେ ରାଲି କରି ନ ଥିଲା ଭାଜପା ।ତେବେ ଶେଷ ଦିନରେ ବିଜେଡିର ପ୍ରଚାରରେ କର୍ମୀମାନେ ଉତ୍ସାହିତ ଥିବା ପରିଲକ୍ଷିତ ହେଉଥିଲା।

